## ସଂକ୍ଷେପରେ

### ସୋର ମ୍ୟୁନିସିପାଲିଟିରେ ଜଳକଷ୍ଟ

**ସୋର, ୧୬।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟିର ଅଧିକାଂଶ ୱାର୍ଡ଼ ବାସିନ୍ଦା ଏବେ ଜଳକଷ୍ଟର ଶିକାର ହେଉଛନ୍ତି। କେତେକ ୱାର୍ଡକୁ ପାଇପ୍ ପାଣି ଯୋଗାଣ ବ୍ୟବସ୍ଥା ହୋଇଥିଲେ ମଧ ତଳମୁଣ୍ଡରେ ତାହା ଠିକ୍‌ଭାବେ ପହଞ୍ଚି ପାରୁ ନାହିଁ। ନିମ୍ନମାନର କାମ ଯୋଗୁ ପାଇପ୍ ଫାଟି ପାଣି ବୋହୁଥିଲେ ବି ଏହାକୁ ମରାମତି କରାଯାଉନାହିଁ। ଲୋକଙ୍କୁ ପାନୀୟଜଳ ଯୋଗାଣ ଲାଗି ବିଭାଗ ତରଫରୁ କେତେକ ଅଞ୍ଚଳରେ ପାଇପ୍ ବିଛା କାମ ସରିଥିଲେ ମଧ ପ୍ରଶାସନିକ ଅବହେଳା ଯୋଗୁ ଲୋକେ ପାଇପ୍ ପାଣି ପାଇବାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି।

### ଗଛରୁ ପଡ଼ି ମୃତ୍ୟୁ

**ଜଳେଶ୍ୱର, ୧୬।୫(ଡି.ଏନ୍.ଏ.):** ଜଳେଶ୍ୱର ବ୍ଲକ ନଛିମପୁର ପଞ୍ଚାୟତ ନାଙ୍ଗୁଡ଼ସାହି ଗ୍ରାମର ସୀତାରାମ ଜେନା(୫୬) ଗୁରୁବାର ସକାଳେ ନିଜ ବାଡ଼ିରେ ଥିବା ଏକ ନଡ଼ିଆ ଗଛରେ ଚଢ଼ି ତୋଳୁଥିବା ବେଳେ ଅସାବଧାନତାବଶତଃ ତଳକୁ ପଡ଼ି ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଜଳେଶ୍ୱର ଜିକେ ଭଞ୍ଜର ସରକାରୀ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୀତାରାମଙ୍କ ଅକସ୍ମାତ୍ ମୃତ୍ୟୁକୁ ନେଇ ଉକ୍ତ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

### 'ନାରୀ ଶିକ୍ଷିତା ହେଲେ ବିଶ୍ୱ ଶିକ୍ଷିତ ହେବ'

**ବସ୍ତା, ୧୬।୫(ସ୍ୱ.ପ୍ର.):** ମା'ମାନେ ଶିକ୍ଷିତା ହେଲେ ସମଗ୍ର ବିଶ୍ୱ ଶିକ୍ଷିତ ହୋଇ ପାରିବ। ବାଲେଶ୍ୱର ଜନନୀ ପରିବାର ଟ୍ରଷ୍ଟ ତରଫରୁ ବାହାର୍ଦ୍ଦାସ୍ଥିତ ଡାକବଙ୍ଗଳାଠାରେ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ଜନନୀ ପରିବାରର ପ୍ରତିଷ୍ଠାତା ଆଇନଜୀବୀ ଜ୍ୟୋତ୍ସ୍ନା ମହାନ୍ତଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଶତାଧିକ ମହିଳା ଏକାଠି ହୋଇ ଏକ ଶୋଭାଯାତ୍ରାରେ ବସ୍ତା ଗାନ୍ଧୀଛକଠାରୁ ବାହାରି ବାହାର୍ଦ୍ଦାସ୍ଥିତ ଡାକବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ସଭା ହୋଇଥିଲା। ସୁକାନ୍ତିଲତା ଭକ୍ତା, ସୁଭଦ୍ରା ରାଉତ, ବସ୍ତା ବ୍ଲକ ସଭାପତି ଆରତି ସାହୁ, ବାଲେଶ୍ୱର ବାଲିଆ ଶାଖାର ଲକ୍ଷ୍ମୀପ୍ରିୟା ବେହେରା, ସୁବାସିନୀ ଜେନା ପ୍ରମୁଖ ବକ୍ତବ୍ୟ ରଖି ଜଣେ ନାରୀ କିପରି ଏକାଧାରରେ ଜନନୀ, ଭଗ୍ନୀ, ଜାୟା ହୋଇପାରେ ଏବଂ ତାଙ୍କ ପାଖରୁ ସ୍ନେହ, ଶାନ୍ତି, ଦୟା, କ୍ଷମା ମିଳିପାରେ ସେ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। ଏହି ଅବସରରେ ନାରୀ ଶିକ୍ଷାର ପ୍ରସାର ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା।

# ଉତ୍କଟ ହେଉଛି ପାନୀୟ ଜଳ ସମସ୍ୟା


ନୀଳଗିରି ବ୍ଲକ୍ ଗରଡ଼ିହି ପଞ୍ଚାୟତର ଲୋକମାନେ ଦୂରରୁ ପାଣି ବୋହି ଆଣୁଛନ୍ତି।

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୧୬।୫**

ଚଳିତ ବର୍ଷ ଗ୍ରୀଷ୍ମ ପ୍ରକୋପ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଏହାସହ ବାଲେଶ୍ୱର ଜିଲାରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହାର ସମାଧାନ ପାଇଁ ଅଚଳ ନଳକୂପଗୁଡ଼ିକ ମରାମତି ଲାଗି ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସରକାରୀ ସ୍ତରରେ ଜିଲାରେ ମୋଟ ୨୦ହଜାର ୨୬ଟି ନଳକୂପ ରହିଛି। ସମସ୍ତ ଗ୍ରାମକୁ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିବା ପ୍ରକଳ୍ପକୁ ପ୍ରାଧାନ୍ୟ ଦେଇ ଉକ୍ତ ନଳକୂପଗୁଡ଼ିକର ମରାମତି ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଅନ୍ୟପଟେ ଅତ୍ୟଧିକ ରୌଦ୍ରତାପ ସାଙ୍ଗକୁ ଘନ ଘନ ବିଦ୍ୟୁତ୍ କାଟ୍, କାଳବୈଶାଖୀ ଓ ମହାବାତ୍ୟାରେ ପାନୀୟଜଳ ପ୍ରକଳ୍ପ ଏକପ୍ରକାର ଅଚଳ ହୋଇପଡ଼ିଛି। ଲୋକମାନେ କୌଣସି ଉପାୟ ନ ପାଇ ଉକ୍ତ ନଳକୂପ ଉପରେ ଭରସା କରିବାକୁ ବାଧ ହେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ନଳକୂପଗୁଡ଼ିକୁ ସଜାଡ଼ିବାରେ ବିଫଳ ହୋଇଛନ୍ତି। ଫଳରେ ପାନୀୟ ଜଳ ସମସ୍ୟା ବଢ଼ିବାରେ ଲାଗିଛି।

- ଅଚଳ ନଳକୂପ ସଜାଡ଼ିବାକୁ ଗୁରୁତ୍ୱ ଦେଉନି ବିଭାଗ
- ପାଣି ପାଇଁ ଯିବାକୁ ପଡୁଛି ୨ କି.ମି.ରୁ ଅଧିକ ବାଟ


ଅଚଳ ନଳକୂପ ନିକଟରେ ଗ୍ରାମବାସୀ।

### କେଉଁଠି କେତେ ଅଚଳ

ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ୧୨ଟି ବ୍ଲକରେ ୨୦ହଜାର ୨୬ଟି ନଳକୂପ ରହିଛି। ସେଥିମଧ୍ୟରୁ ସିମୁଳିଆ ବ୍ଲକରେ ୧୨୨୫ ନଳକୂପରୁ ୭୫, ଖଇରାରେ ୧୯୩୦ରୁ ୮୧, ସୋରରେ ୧୭୭୦ରୁ ୧୦୧, ଔପଦାରେ ୧୧୦୧ରୁ ୧୧୮, ବାହାନଗାରେ ୧୩୬୫ରୁ ୧୨୪ଟି, ନୀଳଗିରିରେ ୧୪୩୮ରୁ ୧୬୮, ରେମୁଣାରେ ୧୯୪୭ରୁ ୧୯୩, ସଦରରେ ୨୩୪୭ରୁ ୨୦୨, ବସ୍ତାରେ ୧୫୨୪ରୁ ୨୦୯, ଭୋଗରାଇରେ ୨୨୦୧ରୁ ୧୦୭, ବାଲିଆପାଳରେ ୧୩୫୮ରୁ ୨୬୭ ଓ ଜଳେଶ୍ୱର ବ୍ଲକରେ ୧୭୯୦ ନଳକୂପରୁ ୮୦ଟି ଅଚଳ ହୋଇପଡିଛି। ସେଥିମଧ୍ୟରୁ ୧୬୨୯ ନଳକୂପ ମରାମତି କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ନୀଳଗିରି, ଔପଦା, ଖଇରା, ସୋର, ବାହାନଗା, ରେମୁଣା ଏବଂ ସଦରରେ ପାନୀୟ ଜଳ ଅଭାବ ଦେଖିବାକୁ ମିଳିଛି। ନୀଳଗିରି, ଔପଦା ଓ ଖଇରା ବ୍ଲକରେ ଅତ୍ୟଧିକ ଜଳସଙ୍କଟ ଦେଖାଦେଇଛି। ନୀଳଗିରି ବ୍ଲକର ସଜନାଗଡ଼, ଶିଆଡ଼ିମାଳ, ଜଡ଼ିଦା, ମହିଷାପଟା ଓ ନରଣପୁର ପଞ୍ଚାୟତରେ ଉତ୍କଟ ଜଳାଭାବ ଦେଖାଦେଇଛି। ଔପଦା ବ୍ଲକର ଗଡ଼ସାହି, ଫତେପୁର, ଶ୍ୟାମସୁନ୍ଦରପୁର, ବାଉଁଶବଣିଆ, ଆରଆରପୁର ଓ ଅଘିରାପଦା ପଞ୍ଚାୟତ ଏବଂ ଖଇରା ବ୍ଲକର ବାଉଁଶଗଡ଼ିଆ, ରଚିଣା, ହରିପୁର, ଗଡ଼ପୋଖରୀ, କଇଁଥଗଡ଼ିଆ, କୁପାରୀ ପଞ୍ଚାୟତରେ ପାନୀୟଜଳ ସମସ୍ୟା ଉଗ୍ରରୂପ ଧାରଣ କରିଛି। ଏହାବ୍ୟତୀତ ଜିଲାର ଉପକୂଳବର୍ତ୍ତୀ ବ୍ଲକ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକରେ ମଧ ଏହି ସମସ୍ୟା ଲାଗିରହିଛି। ଜଳେଶ୍ୱରର ରାଇବଣିଆ, ସର୍ଦ୍ଧାରବନ୍ଧ, ଶ୍ୟାମନଗର, ଖୁଆଡ଼, କମର୍ଦ୍ଦା, କାଳିକ, ଗୋପୀନାଥପୁର ପଞ୍ଚାୟତ, ବସ୍ତା ବ୍ଲକର ୩ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ଏହି ସମସ୍ୟା ଆରମ୍ଭ ହୋଇଯାଇଛି। ଲୋକମାନଙ୍କୁ ପ୍ରତିଦିନ ପାନୀୟଜଳ ପାଇଁ ସ୍ଥାନେ ସ୍ଥାନେ ୨କି.ମି.ରୁ ଊର୍ଦ୍ଧ୍ୱ ଦୂର ଯିବାକୁ ପଡୁଛି। ବାରମ୍ବାର ଜିଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଆନ୍ଦୋଳନ ଏବଂ ରାସ୍ତାରୋକୋ ଭଳି ପ୍ରତିବାଦ ଦେଖିବାକୁ ମିଳୁଛି। ଏହାକୁ ସୁଧାରିବାରେ ପ୍ରଶାସନର ମନ୍ଥର ପ୍ରକ୍ରିୟା ଜନସାଧାରଣଙ୍କୁ ଅତିଷ୍ଠ କରୁଛି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଏଷ୍ଟିମେଟ ଅଫିସର ସୁକୁମାର ନାୟକ କୁହନ୍ତି, ନଳକୂପଗୁଡ଼ିକୁ ସଜାଡ଼ିବା ପାଇଁ ପ୍ରତି ବ୍ଲକ ଏବଂ ମ୍ୟୁନିସିପାଲିଟିରେ ସ୍ୱତନ୍ତ୍ର ମୋବାଇଲ ଟିମ୍ ବିଭାଗ ତରଫରୁ ରଖାଯାଇଛି। ଲୋକମାନଙ୍କ ପକ୍ଷରୁ ଅଭିଯୋଗ ଆସିଲେ ସମସ୍ତ ଯନ୍ତ୍ରାଂଶ ସହ ଉପସ୍ଥିତ ହୋଇ କାର୍ଯ୍ୟ କରିଥାନ୍ତି। ଏପରି କି ସେଲ୍ଫ ଏମ୍ପ୍ଲଏଡ୍ ମେକାନିକ୍ (ଏସ୍‌ଇଏମ୍)ମାନଙ୍କ ଦ୍ୱାରା ନଳକୂପର ଉପରାଂଶ ଏବଂ ମୋବାଇଲ ଟିମ୍ ଦ୍ୱାରା ନଳକୂପର ଭିତରାଂଶ ସଜଡ଼ା ଯାଇଥାଏ। ଏଥିପାଇଁ ସରପଞ୍ଚ ଓ ବ୍ଲକ କାର୍ଯ୍ୟାଳୟରେ ସମସ୍ତ ଯନ୍ତ୍ରାଂଶ ଉପଲବ୍ଧ ରହିଛି। ପ୍ରତିଦିନ ଅଭିଯୋଗ ଆସିଥାଏ। ଯଥାସମ୍ଭବ ଉକ୍ତ ସମସ୍ୟାକୁ ସମାଧାନ ପାଇଁ ବିଭାଗ ତରଫରୁ ଚେଷ୍ଟା କରାଯାଉଛି ବୋଲି ନାୟକ ପ୍ରକାଶ କରିଛନ୍ତି।


ଔପଦାଠାରେ ଥିବା ଅଚଳ ଷ୍ଟାଣ୍ଡପୋଷ୍ଟ।

### ■ ୨୩ରେ ଭୋଟ ଗଣତି
## ପ୍ରଶାସନ ଜାରି କଲା ଟ୍ରାଫିକ୍ କଟକଣା

**ବାଲେଶ୍ୱର ଅଫିସ, ୧୬।୫**

ଲୋକସଭା ଓ ବିଧାନସଭା ନିମନ୍ତେ ଅନୁଷ୍ଠିତ ସାଧାରଣ ନିର୍ବାଚନ-୨୦୧୯ର ଭୋଟ ଗଣତି କାର୍ଯ୍ୟକ୍ରମ ଆସନ୍ତା ମେ' ୨୩ ତାରିଖରେ ଜିଲା କିଲଟରୀ ପରିସରରେ ଅନୁଷ୍ଠିତ ହେବ। ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହିଦିନ ବାଲେଶ୍ୱର ସହର ମଧ୍ୟରେ ବ୍ୟାପକ ଜନସମାଗମ ଏବଂ ଅଧିକ ସଂଖ୍ୟକ ଯାନବାହନ ଚଳାଚଳର ସମ୍ଭାବନାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଲାଗି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱବର୍ତ୍ତୀ ରୁଟ୍‌ରେ ମେ' ୨୩ତାରିଖ ପୂର୍ବାହ୍ନ ୭ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ଫକୀରମୋହନ ଗୋଲେଇଠାରୁ ଟେକ୍‌ନିକାଲ ସ୍କୁଲ ଭାୟା ଫାଣ୍ଡି ଛକ ଏବଂ କଚେରି ଗଳି ମଧ୍ୟରେ ସମସ୍ତ ପ୍ରକାର ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯିବା ସହିତ ଫକୀରମୋହନ ଗୋଲେଇଠାରୁ ସମସ୍ତ ପ୍ରକାର ଗାଡ଼ିର ଗତିପଥକୁ ପରିବର୍ତ୍ତନ କରାଯାଇ ସେଗୁଡ଼ିକୁ ଷ୍ଟେଶନ ଛକ, ଏଡିଏମ୍ ଛକ ଏବଂ ଟେକ୍ନିକାଲ ସ୍କୁଲ କ୍ରସିଂ ମଧ ଦେଇ ଯାତାୟାତ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ସେହିପରି ଝାଡ଼େଶ୍ୱର ମନ୍ଦିରଠାରୁ କଚେରି ଗଳି ମଧ୍ୟରେ ସମସ୍ତ ପ୍ରକାର ଯାନବାହନ ଚଳାଚଳ ଉପରେ ରୋକ୍ ଲଗାଯାଇଛି। ଏଥି ପରିବର୍ତ୍ତେ ରାଣୀପାଟଣା-ନିଳିଆବାଗ-ଚିଡ଼ିଆପୋଲ ଏବଂ ଟେକ୍ନିକାଲ ସ୍କୁଲକ୍ରସିଂ ମଧ୍ୟରେ ଯାତାୟାତ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଏହାର ଅନୁପାଳନ ସହ ଏଥିରେ ସହଯୋଗ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଜଳଦା ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

**ଖଇରା, ୧୬।୫(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ଜଳଦା ପଞ୍ଚାୟତ କାର୍ଯ୍ୟାଳୟରୁ ବୁଧବାର ରାତିରେ ଚୋରି ହୋଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ପଞ୍ଚାୟତ କାର୍ଯ୍ୟାଳୟ ଗ୍ରୀଲ୍ ଓ ଆଲମିରା ଭାଙ୍ଗି କାଗଜପତ୍ର ନେବା ସହ ସିସି କ୍ୟାମେରା ଏବଂ ଏଠାରେ ଚାଲୁଥିବା କିଓସ୍କୋ ବ୍ୟାଙ୍କର କମ୍ପ୍ୟୁଟର ନେଇ ପଳାଇଥିବା ଏଏସ୍‌ଆଇ ବାସୁଦେବ ମହାନ୍ତି କହିଛନ୍ତି। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି ଲିଖିତ ଅଭିଯୋଗ ଆସି ନ ଥିବାରୁ ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଅଧିକାରୀ ମହାନ୍ତି କହିଛନ୍ତି। ଗତ କିଛିଦିନ ମଧ୍ୟରେ ଏହି କାର୍ଯ୍ୟାଳୟରୁ ୩ଥର ଚୋରି ହେବା ଏବଂ ପ୍ରତ୍ୟେକ ଥର କାଗଜପତ୍ର ଗାଏବ ହେବାରେ ପଞ୍ଚାୟତର କୌଣସି କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବା ନେଇ ପଞ୍ଚାୟତବାସୀ ସନ୍ଦେହ ପ୍ରକଟ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

### ■ କାଳବୈଶାଖୀ ଯୋଗୁ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ
## ଅନ୍ଧାରରେ ୧୭ ହଜାର ଉପଭୋକ୍ତା

**ରୂପସା, ୧୬।୫(ଡି.ଏନ୍.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ବିଦ୍ୟୁତ୍ ସେକ୍ସନରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ୧୭ ହଜାର ଉପଭୋକ୍ତା ଅନ୍ଧାରରେ ରହିଛନ୍ତି। ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ବର୍ଷା ଓ ତୋଫାନ ଯୋଗୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡ଼ିଛି। ବାଲେଶ୍ୱର ଗ୍ରୀଡ୍‌ରୁ ରୂପ୍‌ସା ବିଦ୍ୟୁତ୍ ସେକ୍ସନକୁ ଆସିଥିବା ମୁଖ୍ୟ ଲାଇନ୍‌ର ୩୩ କେଭି ବିଦ୍ୟୁତ୍ ତାର ଛିଣ୍ଡିପଡ଼ିଛି। ଗଛ ପଡ଼ି ରାଜପଥ ପାର୍ଶ୍ୱରେ ୬ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡିଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ଏହାଛଡ଼ା ଭୀଷଣ ପବନରେ ଗ୍ରାମାଞ୍ଚଳରେ ମଧ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିଛି। କଷିପଦା ପଞ୍ଚାୟତ ରଣସାହିରେ ୨ଟି, ତଳ ବରହମ୍ପୁରରେ ୩ଟି, ଆଗରଗୁହିରାରେ ୨ଟି, ଗଡ଼ପଦା ପଞ୍ଚାୟତ ନୀଳବାଡ଼ିରେ ୨ଟି, ଛାନୁଆ ପଞ୍ଚାୟତ ବ୍ରାହ୍ମଣଦାରେ ୨ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା ଫଳରେ ଉପଭୋକ୍ତାମାନେ ବିଦ୍ୟୁତ୍ ସେବାରୁ ବଞ୍ଚିତ ଅଛନ୍ତି। ବୁଧବାର ସନ୍ଧ୍ୟାରୁ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଏହି ସେକ୍ସନ ଅଧୀନ ବାହାବଳପୁର, କଷାଫଳ, ହଳଦୀପଦା, ଛାନୁଆ, ଦୁବୁଲାଗଡ଼ି, କୁରାଡ଼ିହା, କଷିପଦା, ଆଙ୍କୋ, ରୂପ୍‌ସା, ଗଡ଼ପଦା ଆଦି ପଞ୍ଚାୟତର ୧୭ ହଜାର ଉପଭୋକ୍ତା ଅନ୍ଧାରରେ ରହିଛନ୍ତି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଣ୍ଡା, ଏଏସ୍‌ଡିଓ ଦେବେନ୍ଦ୍ର ନାଥ ବେହେରା, ଜିଏମ୍ କେ.କେ. ଜେନା ପ୍ରମୁଖ ବିଭାଗୀୟ କର୍ମଚାରୀଙ୍କ ସହ ସକାଳେ ପହଞ୍ଚି ଭାଙ୍ଗିପଡ଼ିଥିବା ଖୁଣ୍ଟ ଓ ପୋଡ଼ିଯାଇଥିବା ଇନସୁଲେଟର ମରାମତି କରି ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରିଥିଲେ। ହାଇଡ୍ରା ମେଶିନ ଯୋଗେ ନୂତନ ବିଦ୍ୟୁତ୍ ଖୁଣ୍ଟ ବସାଇବା ସହ ବିଭିନ୍ନ ତ୍ରୁଟି ସଜାଡ଼ିବା ଦିଗରେ ପଦକ୍ଷେପ ନିଆଯାଇଥିଲା। ହେଲେ ୨୪ଘଣ୍ଟା ପରେ ବିଭାଗ ପକ୍ଷରୁ ବିଦ୍ୟୁତ୍ ସେବା ଯୋଗାଣ ହୋଇପାରି ନ ଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ଦେଖାଦେଇଛି।


ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଚାଲୁଛି।

## ଡାକ୍ତରଖାନା ମୁଖ୍ୟ ଫାଟକ କାମ ମନ୍ଥର

**ବାଲିଆପାଳ, ୧୬।୫(ଡି.ଏନ.ଏ.)**

ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ଓ ପାଚେରି କାମ ମନ୍ଥର ଗତିରେ ଚାଲୁଥିବାରୁ ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାସ ମାସ ଧରି ଏହି କାମ ଚାଲୁଛି। ଏହି କାମ ଦାୟିତ୍ୱରେ ଥିବା ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ବାରମ୍ବାର ବିଭାଗୀୟ ଅଧିକାରଙ୍କଠାରେ ଜନସାଧାରଣ ଅଭିଯୋଗ କରିଆସୁଥିଲେ। ଠିକାଦାର ଜଣଙ୍କ ପାଚେରିର କିଛି ଅଂଶ କରି ମୁଖ୍ୟ ଫାଟକ କାର୍ଯ୍ୟ ଆରମ୍ଭ କରିଛନ୍ତି। ଫାଟକ ତିଆରି ପାଇଁ ଡ୍ରେନ ଖୋଳି ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଛି। ମାସ ମାସ ଧରି ଏହି କାମ ପୂର୍ଣ୍ଣାଙ୍ଗ କରାଯାଉ ନ ଥିବାରୁ ହସ୍‌ପିଟାଲ ପରିସରକୁ ଚାରିଚକିଆ ଯାନ ଯିବାରେ ଅସୁବିଧା ହେଉଛି। ଏଠାରେ ଏକ ଡାଇଭର୍ସନ କରାଯାଇଛି ତାହା ନିମ୍ନମାନର ହୋଇଥିବାରୁ ଗାଡିଗୁଡିକ ଅଟକି ରହୁଛି। ଏପରିକି ଦୁଇଚକିଆ ଯାନ ଯିବା ଅସମ୍ଭବ ହୋଇଛି। ଜରୁରୀ ଚିକିତ୍ସା ପାଇଁ ୧୦୮ ଓ ୧୦୨ ଗାଡିରେ ରୋଗୀମାନେ ହସ୍‌ପିଟାଲକୁ ଆସି ବହୁ ଅସୁବିଧା ଭୋଗୁଛନ୍ତି। ଏ ବିଷୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା.ଭାଗୀରଥି ମୁର୍ମୁଙ୍କ ସହିତ ଯୋଗାଯୋଗ କରିବାରୁ କାର୍ଯ୍ୟ ପାଇଁ କେତେ ଟଙ୍କା ଆସିଛି କିପରି କାର୍ଯ୍ୟ ହେଉଛି ତାଙ୍କୁ ଜଣାନାହିଁ। କେବଳ ଆରଡି ବିଭାଗ ଏହି କାର୍ଯ୍ୟ କରୁଥିବା ସେ ଜାଣଛନ୍ତି ବୋଲି କହିଛନ୍ତି। କାର୍ଯ୍ୟ ଶେଷ କରିବା ପାଇଁ ବାରମ୍ବାର ବିଭାଗୀୟ ଅଫିସରକୁ କୁହାଯାଉଛି। ଏ ବିଷୟରେ ଆରଡି ବିଭାଗର ଏସ୍‌ଡିଓ ସୌଭାଗ୍ୟ ସୁନ୍ଦର ଦାସଙ୍କ ସହିତ ଯୋଗାଯୋଗ କରିବାରୁ ୮ଲକ୍ଷ ଟଙ୍କାର ଦୁଇଟି କାର୍ଯ୍ୟାଦେଶ ଟେଣ୍ଡର ହୋଇ କାର୍ଯ୍ୟ ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ ହେବ ବୋଲି ସେ ମଧ କହିଛନ୍ତି।


ଅଧାପନ୍ତରିଆ ଅବସ୍ଥାରେ ରହିଛି ଫାଟକ କାମ।

## ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱ

### ଜାତୀୟ ଡେଙ୍ଗୁ ଦିବସ

**ବାଲେଶ୍ୱର ଅଫିସ, ୧୬।୫**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ନରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଅନ୍ତର୍କ୍ଷେତ୍ରୀୟ ଏକାଭିମୁଖୀ ବୈଠକ ଅନୁଷ୍ଠିତ ହୋଇଥିଲା। ଡେଙ୍ଗୁକୁ ପ୍ରତିହତ କରିବା ପାଇଁ ଅନ୍ତର୍କ୍ଷେତ୍ରୀୟ ସହଯୋଗର ଆବଶ୍ୟକତା ରହିଥିବା ବିଶେଷଜ୍ଞମାନେ ମତ ଦେଇଥିଲେ। ଏଥିପାଇଁ ନଗର ଉନ୍ନୟନ ବିଭାଗ, ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକସମ୍ପର୍କ, ପଞ୍ଚାୟତିରାଜ, ସ୍କୁଲ ଓ ଗଣଶିକ୍ଷା, ତଫସିଲଭୁକ୍ତ ଜାତି ଓ ଉପଜାତି ଭଳି ପ୍ରମୁଖ ବିଭାଗଗୁଡ଼ିକର ସମନ୍ୱୟ ଏବଂ ସକ୍ରିୟ ପଦକ୍ଷେପ ଡେଙ୍ଗୁ ଜ୍ୱରକୁ ନିର୍ମୂଳ କରିବାରେ ସମର୍ଥ ହୋଇପାରିବ ବୋଲି ସେସବୁ ବିଭାଗର ସହଯୋଗ କାମନା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ପାଢ଼ୀ ଅଧ୍ୟକ୍ଷତା କରି ଡେଙ୍ଗୁ ଜ୍ୱର ସମ୍ବନ୍ଧିତ ବିଭିନ୍ନ ବିଷୟ ଆଲୋଚନା କରିଥିଲେ। ଏହି ରୋଗର ନିରାକରଣ ଲାଗି ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଭାଗ କିପରି ସାମିଲ ହୋଇପାରିବେ ଓ ଏହାର ନିରାକରଣ ଦିଗରେ ସହଯୋଗ ପ୍ରଦାନ କରିପାରିବେ ସେନେଇ ବିଭିନ୍ନ ପଦକ୍ଷେପ ସ୍ଥିର କରାଯାଇଥିଲା। ବୈଠକରେ ଉପସ୍ଥାପିତ ସର୍ଭେ ବିବରଣୀରୁ ଜଣାପଡ଼ିଛି ଯେ, ଗତ ୨୦୧୧ ମସିହାରୁ ଆଜି ଯାଏଁ ଡେଙ୍ଗୁ ଉପରେ କରାଯାଇଥିବା ଅନୁଶୀଳନ ଅନୁଯାୟୀ ୨୦୧୭ ମସିହାରେ ସର୍ବାଧିକ ୧୨୯୬ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ଗତ ୨୦୧୮ରେ ୨୦୩ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ କୌଣସି ଜୀବନହାନି ହୋଇନାହିଁ। ୨୦୧୭ ମସିହାରେ ବାଲିଆପାଳ ଅଞ୍ଚଳରେ ଏହି ଜ୍ୱରରେ ସର୍ବାଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ଏଥିରେ ୩୭ ପ୍ରତିଶତ ଲୋକ ୧୬ରୁ ୩୫ ବର୍ଷ ବୟସ ମଧ୍ୟରେ ହୋଇଥିବା ପରିସଂଖ୍ୟାନରୁ ଜଣାପଡ଼ିଛି। ଚଳିତ ବର୍ଷ ଜାନୁୟାରୀରୁ ମେ' ପର୍ଯ୍ୟନ୍ତ କେବଳ ୯୪ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ୨୦୧୭ଠାରୁ ଜିଲାରେ ଏ ବାବଦରେ ଅନେକ ଅନୁଶୀଳନ କରାଯାଇ ଡେଙ୍ଗୁ ଜୀବାଣୁବାହୀ ଏଡ଼ିଶ୍ ମଶାର ବଂଶ ବିସ୍ତାର ନିମନ୍ତେ ସମ୍ଭାବ୍ୟ ସ୍ଥାନଗୁଡ଼ିକ ଚିହ୍ନଟ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ସ୍ୱାସ୍ଥ୍ୟ ପ୍ରଶାସନ ତରଫରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡା. ଶଶାଙ୍କ ଶେଖର ଚୌଧୁରୀ, ଡା. ସନ୍ଧ୍ୟାରାଣୀ ପଟ୍ଟନାୟକ, ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ପରେଶ୍ ଚନ୍ଦ୍ର ନନ୍ଦୀ ଓ ଡିପିଏମ୍ ପ୍ରଭୁ ପ୍ରତ୍ୟନ୍ତ ପତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।



ଜାତୀୟ ଡେଙ୍ଗୁ ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀ।

# ୭୨ ଘଣ୍ଟା ହେଲା ଅନ୍ଧାରରେ ବଡ଼ସାହି

**କାଳବୈଶାଖୀ ପ୍ରଭାବ**

ବଡ଼ସାହି,୧୬।୫(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ବର୍ଷା ପବନ ଯୋଗୁ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡି ବିଦ୍ୟୁତ ସରବରାହ ବନ୍ଦ ରହିଛି। ୭୨ ଘଣ୍ଟା ହେଲା ସମଗ୍ର ଅଞ୍ଚଳ ଅନ୍ଧାରରେ ରହିଥିବା ବେଳେ ଉପଭୋକ୍ତା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । କର୍ମଚାରୀ ଅଭାବରୁ ବିଦ୍ୟୁତ ସରବରାହ ନିରବଚ୍ଛିନ୍ନ କରିବା ପାଇଁ ଆହୁରି ୪ ଦିନ ସମୟ ଲାଗିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି ।

ବଡ଼ସାହି ବ୍ଲକର ବହୁ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ବେଳେ ଦୀର୍ଘ ସମୟ ଧରି ଯାତାୟତରେ ବାଧା ଉପୁଜିଛି । ବୁଧବାର ଘଟିଥିବା କାଳବୈଶାଖୀରେ ପବନର ବେଗ ଏତେ ପ୍ରଖର ଥିଲା ଯେ ତାହା ଫନୀ ବାତ୍ୟା ଠାରୁ ବଳିପଡିଛି । ଫନୀ ବାତ୍ୟାରେ ଅଞ୍ଚଳରେ ସେଭଳି କିଛି କ୍ଷୟକ୍ଷତି ହୋଇନଥିବା ବେଳେ କାଳବୈଶାଖୀ ପ୍ରଭାବରେ ବଡବଡ ଗଛ ସମେତ ବହୁ ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଛି। ବିଭିନ୍ନ ସ୍ଥାନରେ ଟ୍ରାନ୍ସଫର୍ମର ଓଲଟି ପଡିଥିବା ବେଳେ ବିଦ୍ୟୁତ ତାର ଛିଣ୍ଡିଛି। ବହୁ ଘର ଭାଙ୍ଗି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ବିଦ୍ୟୁତ ସରବରାହ ବନ୍ଦ ରହିବାରୁ ବଡ଼ସାହି ବଜାରରେ ଥିବା ଡାକ୍ତରଖାନା, ଥାନା, ତହସିଲ, ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ, ପେଟ୍ରୋଲପମ୍ପ ସମେତ ବେସରକାରୀ ସଂସ୍ଥାର କାର୍ଯ୍ୟାଳୟରେ କାମ ଠପ ହୋଇପଡିଛି। ଫଳରେ ବହୁ ଲୋକ ସରକାରୀ କାମରୁ ବଞ୍ଚିତ ହୋଇ ମାନସିକ ଓ ଆର୍ଥିକ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ବଡ଼ସାହି ସେକ୍ସନ ଅଧିନରେ ଥିବା ୧୬ ହଜାର ୧୬୫ ହିତାଧିକାରୀ ୭୨ ଘଣ୍ଟା ଧରି ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି । ଠିକା ସଂସ୍ଥାରେ ଥିବା ୧୭ଜଣ କର୍ମଚାରୀ ଫନୀ ବାତ୍ୟା ପାଇଁ ପୁରୀ ଓ ଭୁବନେଶ୍ୱର ଯାଇଥିବା ବେଳେ ଏହି ଅଞ୍ଚଳ ପାଇଁ ସମସ୍ୟା ଉପୁଜିଛି । ବଡ଼ସାହି ବିଦ୍ୟୁତ ସେକ୍ସନ ଅଧିନରେ ଥିବା ବଡ଼ସାହି, ଆମ୍ବଡାଳୀ ଓ ସାନକେରକ ଷ୍ଟ୍ରକଚରରେ ମୋଟ ୧୩ଜଣ କର୍ମଚାରୀ ରହିଛନ୍ତି। କମ ସଂଖ୍ୟକ କର୍ମଚାରୀ ଏତେ ବଡ ଅଞ୍ଚଳକୁ ବିଦ୍ୟୁତ ସେବା ଯୋଗାଇବା ପାଇଁ ସକ୍ଷମ ହେଉନଥିବାରୁ ସମସ୍ୟା ସୁଧୁରିବାରେ ବିଳମ୍ବ ହେଉଛି। ସେହିପରି କୋଚିଲାଖୁଣ୍ଟା ଓ ମାଣଡ୍ରୀ ଷ୍ଟକଚରଟି ବେତନଟୀ ସେକ୍ସନ ଅଧିନରେ ରହିଥିବା ବେଳେ ସେଠାରେ ମଧ୍ୟ କର୍ମଚାରୀ ଅଭାବରୁ ସମସ୍ୟା ବଢି ଚାଲିଛି । ବିଦ୍ୟୁତ ସେବା ବ୍ୟାହତ ଯୋଗୁ ଲୋକେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଖୁଣ୍ଟା ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମାନ୍ନାଙ୍କୁ ପଚାରିବାରୁ କାଳବୈଶାଖୀରେ ପ୍ରାୟ ୭୦ପ୍ରତିଶତ ଖୁଣ୍ଟ ଉପୁଡି ପଡିଛି। ଠିକା ସଂସ୍ଥାର କର୍ମଚାରୀ ଜିଲା ବାହାରକୁ ଯାଇଥିବା ବେଳେ ସଂସ୍ଥା ପକ୍ଷରୁ କର୍ମଚାରୀ କମ୍ ରହିଛନ୍ତି। କର୍ମଚାରୀ ଅଭାବରୁ ବିଦ୍ୟୁତ ସରବରାହ ଯୋଗାଇ ଦେବାକୁ ୩/୪ଦିନ ସମୟ ଲାଗିବ ଓ ଖୁବ ଶୀଘ୍ର ଡାକ୍ତରଖାନାକୁ ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।



ଭାଙ୍ଗି ପଡିଥିବା ବିଦ୍ୟୁତ ଖୁଣ୍ଟ।



## ସଂକ୍ଷେପରେ

### ଭୁଆସୁଣୀରେ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବାଙ୍ଗିରିପୋଷି,୧୬।୫(ଡି.ଏନ୍.ଏ):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅନ୍ତର୍ଗତ ଭୁଆସୁଣୀସ୍ଥିତ ସ୍ୱପ୍ନେଶ୍ୱର ଶୈବପୀଠରେ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୨ ତାରିଖରେ ହୋମଯଜ୍ଞ ସହ ସ୍ୱପ୍ନେଶ୍ୱରଙ୍କ ପୂଜା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଯୋଗଦେଇ ନୃତ୍ୟ ସମାରୋହକୁ ଉଦ୍‌ଘାଟନ କରିଥିଲେ। ପୁରୁଷୋତ୍ତମପୁରର ଶ୍ରୀରାମ ମୁର୍ମୁଙ୍କ ଡାବୁଲ ନୃତ୍ୟ, କନ୍ଦଳିଆର ଆଦିବାସୀ ନୃତ୍ୟ, ମହାଭାରତ ସମର ନୃତ୍ୟ ଏବଂ ରାମହରିପୁର ଗ୍ରାମର ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିବସରେ ଲକ୍ଷ୍ମୀ ନାରାୟଣଙ୍କ ହୋମଯଜ୍ଞ ଓ ପୂର୍ଣ୍ଣାହୁତି ସହ ଧ୍ୱଜା ପରିବର୍ତ୍ତନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାଙ୍ଗିରିପୋଷି ପୂର୍ବତନ ବିଧାୟକ ଅଜେନ ମୁର୍ମୁ ଉଦ୍‌ଘାଟନ କରିଥିଲେ । ଆଦିବାସୀ ଯୁବତୀଙ୍କ ନୃତ୍ୟ, ଡ୍ୟାନ୍ସ ଧମାକା ସହ ଭୁଆସୁଣୀ, କିରପାଦୁମା ଓ ଚାକଦର ସଙ୍କୀର୍ତ୍ତନ ଦଳ ହରିନାମ ପରିବେଷଣ କରିଥିଲେ । ଭୁଆସୁଣୀ ସଙ୍କୀର୍ତ୍ତନ ଦଳକୁ ଶ୍ରେଷ୍ଠ ଦଳ ଭାବେ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ଦିଲୀପ ମହାନ୍ତ, ରାଜମିସ୍ତ୍ରି ଚୈତନ୍ୟ ସିଂ ଓ ରଙ୍ଗମିସ୍ତ୍ରି ସୁରେନ୍ଦ୍ର ପାତ୍ରଙ୍କୁ ମନ୍ଦିର ପ୍ରତିଷ୍ଠାତା ଶ୍ରୀକୃଷ୍ଣ ସାମଲ ସମ୍ବର୍ଦ୍ଧିତ କରିଥିଲେ ।

### ଏମ୍‌ପିସି ଅଟୋନୋମସ କଲେଜର ନୂତନ ଅଧକ୍ଷା



**ବାରିପଦା ଅଫିସ,୧୬।୫:** ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର(ଏମ୍‌ପିସି) ଅଟୋନୋମସ କଲେଜରେ ନୂତନ ଅଧକ୍ଷା ଭାବେ ଡ. ଝରଣା ବେହେରା ଯୋଗଦେଇଛନ୍ତି। ପୂର୍ବତନ ଅଧକ୍ଷ ଦୁର୍ଗାଚରଣ ପାତ୍ରଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଡ. ବେହେରାଙ୍କୁ କଲେଜର ଅଧାପିକା ଓ ଅଧାପକମାନେ ସ୍ୱାଗତ କରିଥିଲେ। ଅଧାପକ ସତ୍ୟବ୍ରତ ମିଶ୍ର, ଡ. ସୁର୍ଜେନ୍ଦୁ କୁମାର ଦାଶ, ଦିବ୍ୟଶଙ୍କର ପାଳ, କାଶୀନାଥ ବେହେରା, ବିଦ୍ୟାଧର ଅଣ୍ଡିଆ, ଡ. ସରୋଜ କୁମାର ପାତ୍ର, ଡ. ଅନାମ ଚରଣ ରାଉଳ, ଡ. ଅର୍ଜୁନ କୁମାର ସାହୁ ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଟ୍ରକ ଓଲଟି ୨ ଆହତ

ବାଙ୍ଗିରିପୋଷି,୧୬।୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅନ୍ତର୍ଗତ ଦ୍ୱାରଶୁଣୀ ଘାଟି ଦେଇ ଯାଇଥିବା ୪୯ ନଂ ଜାତୀୟ ରାଜପଥରେ ଏକ ପିଆଜ ବୋଝେଇ ଟ୍ରକ ଗୁରୁବାର ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨ ଜଣ ଆହତ ହୋଇଛନ୍ତି। ଏମଏଚ ୨୮ ବିବି ୦୭୮୮ ନମ୍ବର ବିଶିଷ୍ଟ ପିଆଜ ବୋଝେଇ ଟ୍ରକଟି କୋଲକତା ଅଭିମୁଖେ ଯାଉଥିବା ସମୟରେ ଘାଟିରୁ ଓହ୍ଲାଇବା ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଟ୍ରକରେ ଥିବା ପିଆଜ ବସ୍ତା ଗୁଡିକ ରାସ୍ତା ଉପରେ ବିଛାଡ଼ି ହୋଇ ପଡ଼ିବା ସହିତ ଟ୍ରକରେ ଥିବା ଡ୍ରାଇଭର ଓ ଖଲାସୀ ଆହତ ହୋଇଥିଲେ। ବାଙ୍ଗିରିପୋଷି ପୋଲିସ ଉଭୟଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଛି। ଆହତ ଦ୍ୱୟଙ୍କ ପରିଚୟ ମିଳିପାରିନାହିଁ।



■ ପୌର ନିର୍ବାଚନରେ ଜମି ଅଧିକାର ପ୍ରସଙ୍ଗ ମୁଖ୍ୟ ହେବ

# ନିର୍ବାଚନକୁ ଓହ୍ଲାଇବ ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘ

ବାରିପଦା ଅଫିସ,୧୬।୫

ମୟୂରଭଞ୍ଜ ଜିଲା ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘ ଆସନ୍ତା ପୌର ନିର୍ବାଚନରେ ପ୍ରାର୍ଥୀ ଦେବ ବୋଲି ନିଷ୍ପତ୍ତି ନେଇଛି। ପଟ୍ଟାବିହୀନ ବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଦେବେନ୍ଦ୍ରପୁର ଠାରେ ଆୟୋଜିତ ସଂଘର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।



ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ରାଜ୍ୟ ସରକାରଙ୍କ ଜମି ଅଧିକାର ବିଜ୍ଞପ୍ତି ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଯୋଜନାରେ ସହରାଞ୍ଚଳରେ ରହୁଥିବା ପଟ୍ଟାବିହୀନ ବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ କରିବା ନେଇ କାର୍ଯ୍ୟ ଚାଲୁଥିବା ବେଳେ ବାରିପଦା ପୌର ପରିଷଦରେ ଏହା ଠିକ୍ ଭାବେ ଆରମ୍ଭ ହୋଇପାରିନାହିଁ। ଆସନ୍ତା ପୌର ନିର୍ବାଚନରେ ନଗରପାଳ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେବ। ସଂଘ ପକ୍ଷରୁ ନଗରପାଳ ପଦବୀରେ ପ୍ରାର୍ଥୀ ଦିଆଯିବ। ସଂଘର ଜଣେ ବ୍ୟକ୍ତିଙ୍କୁ ଏହି ପଦବୀ ଦିଆଗଲେ ସହରର ପଟ୍ଟା ବିହୀନ ବାସିନ୍ଦାଙ୍କ ସମସ୍ୟା ସେ ଠିକ୍ ଭାବେ ଉପଲବ୍ଧି କରିପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସେହିପରି ସାଧାରଣ ନିର୍ବାଚନ ପୂର୍ବରୁ କିଛି ବ୍ୟକ୍ତିଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନ ଏହି କାର୍ଯ୍ୟ ବନ୍ଦ କରି ଦିଆଯାଇଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ସଂଘର ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରା, ଉପଦେଷ୍ଟା ଗୋପବନ୍ଧୁ , ଶ୍ରମିକ ସଙ୍ଗଠକ ଅମଳ ଦେ, ସେଖ୍ ରାଜୁ, ଗୌର କାଳନ୍ଦୀ ଦେବେନ୍ଦ୍ର ନାଥ କୁଣ୍ଟୁ, ଝୁନା ପଣ୍ଡା, ବାସନ୍ତୀ ଦେହୁରି, ପୂର୍ଣ୍ଣିମା ମହାନ୍ତ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

१୮ତମ ରାଜ୍ୟ ଟାଏକୋଣ୍ଡୋ ପ୍ରତିଯୋଗିତା

# ମୟୂରଭଞ୍ଜକୁ ୧୫ ପଦକ

ବାରିପଦା ଅଫିସ ୧୬।୫

**■ଗ୍ରୀଷ୍ମ ଅବକାଶରେ ଗ୍ରାମୀଣ ଛାତ୍ରୀ ଓ ଯୁବତୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ**

ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ମୟୂରଭଞ୍ଜର ଖେଳାଳିମାନେ ୧୮ତମ ରାଜ୍ୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୫ଟି ପଦକ ହାତେଇବାରେ ସଫଳ ହୋଇଛନ୍ତି । ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଉଭୟ ବାଳକ ଓ ବାଳିକା ବର୍ଗର ସିନିୟର, ଜୁନିୟର ଓ ସବ୍‌ଜୁନିୟର ଖେଳାଳିମାନେ ଭଦ୍ରକ ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଗତ ୧୧ ଓ ୧୨ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା । ପଦକ ଜିଣିଥିବା ଖେଳାଳିମାନଙ୍କୁ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ମୟୂରଭଞ୍ଜ ତରଫରୁ ବାରିପଦା ବ୍ଲକ ଅଧୀନ ବଡ଼ଯୋଡ଼ରେ ଅନୁଷ୍ଠିତ ଏକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ସିନିଅର ରେଫରି ଅଧାପକ ଯୋଗେଶ୍ୱର ମହାନ୍ତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜାତୀୟ ରେଫରି ହିମାଂଶୁଚନ୍ଦ୍ର ମହାନ୍ତ ଓ ଯୋଗେଶ ମହାନ୍ତ ଯୋଗଦେଇଥିଲେ। ସବ୍‌ଜୁନିୟର ବାଳିକା ବର୍ଗରେ ବୈଶିଙ୍ଗାର ନମିତା ମୁର୍ମୁ, କ୍ୟାଡେଟ୍ ବାଳକ ବର୍ଗରେ ବୈଶିଙ୍ଗାର ଜଗତ ଜନ୍ମେଜୟ ହାଁସଦା, ସିନିୟର ବାଳିକା ବର୍ଗରେ ବୈଶିଙ୍ଗାର ଦୀପିକା କାଣ୍ଡି, ସିନିୟର ବାଳକ ବର୍ଗରେ କେନ୍ଦୁଆର ହେମନ୍ତ ଦାସ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ସବ୍‌ଜୁନିୟର ବାଳିକା ବର୍ଗରେ ନଡ଼ପୁରର କଲ୍ୟାଣୀ କରଣ, ଜୁନିୟର ବାଳକ ବର୍ଗରେ ବୈଶିଙ୍ଗାର ହରିଶଙ୍କର ମୁର୍ମୁ, ଶମ୍ଭୁ ସୋରେନ, ସିନିୟର ବାଳକ ବର୍ଗରେ ଆନିଆପାଳର ବିଶ୍ୱଜିତ ଦେ, ଜାମଶୋଳର ବୁଦ୍ଧିରାମ ସିଂ, ଜୁନିୟର ବାଳକ ବର୍ଗରେ ବୈଶିଙ୍ଗାର ରବିରଞ୍ଜନ ମାରାଣ୍ଡି ରୌପ୍ୟପଦକ ହାସଲ କରିଛନ୍ତି। ସବ୍‌ଜୁନିୟର ବାଳକ ବର୍ଗରେ ବୈଶିଙ୍ଗାର ଗଣେଶ ମାରାଣ୍ଡି, କ୍ୟାଡେଟ୍ ବାଳିକା ବର୍ଗରେ ବୈଶିଙ୍ଗାର ମେରୀ ସୋରେନ, ସିନିୟର ବାଳକ ବର୍ଗରେ ଦାନ୍ତିଆମୁହାଁର ସୁବ୍ରତ ମହାନ୍ତ, ବାରିପଦାର ଶିବପ୍ରସନ୍ନ ବାସୁରୀ, ଜୁନିୟର ବର୍ଗରେ ବୈଶିଙ୍ଗା ଦେବବ୍ରତ ଉପାଧ୍ୟାୟ କାଂଶ୍ୟପଦକ ହାସଲ କରିଛନ୍ତି। ଦଳ ସହିତ କୋଚ୍ ଭାବେ ଅଙ୍ଗାରୁଆର ଜଗବନ୍ଧୁ ସିଂ, ପୁରୁଷ ଟିମ୍ ମ୍ୟାନେଜର ଶାମାଖୁଣ୍ଟାର ଶରତ ମହୁଆଳ, ମହିଳା ଟିମ୍ ମ୍ୟାନେଜର ବୈଶିଙ୍ଗାର କାରୀ ମାଝି ଦଳ ସହ ଭଦ୍ରକ ଯାଇଥିଲେ। ଏହି ମେଡାଲ ଜିତିବା ପରେ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ମୟୂରଭଞ୍ଜର କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଏହି ଗ୍ରୀଷ୍ମ ଅବକାଶରେ ଗ୍ରାମୀଣ ଛାତ୍ରୀ ଓ ଯୁବତୀମାନଙ୍କୁ ନିଃଶୁଳ୍କ ଆତ୍ମରକ୍ଷା ପାଇଁ ଟାଏକୋଣ୍ଡୋ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ନିଃଶୁଳ୍କ ଗ୍ରାମୀଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଟାଏକୋଣ୍ଡୋ ଆସୋସିଏଶନ, ପଦ୍ମମାଳି ମହିଳା ସଂଗଠନ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ଜରିଆରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି।

# ପାଣି ପାଇଁ ଲୋକେ ଡହଳବିକଳ

ଭଞ୍ଜକିଆ,୧୬।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅନ୍ତର୍ଗତ ଗୋଡ଼ାପଲସା ପଞ୍ଚାୟତର ବୃନ୍ଦେଇପୋଷି ଗାଁରେ ଜଳକଷ୍ଟ ସମସ୍ୟା ଦେଖାଦେଇଛି। ୧୦ ବର୍ଷ ତଳେ ଏହି ଗ୍ରାମରେ ସ୍ୱଜଳଧାରା ଯୋଜନାରେ ପାଣିଟାଙ୍କି ନିର୍ମାଣ ହୋଇ ପାଇପ୍ ବିଛା ସରିଥିଲେ ମଧ ଲୋକଙ୍କୁ ପାନୀୟଜଳ ମିଳୁନାହିଁ। ଏହି ଗ୍ରାମରେ ୧୮୦୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତିର ଜନସାଧାରଣ ବସବାସ କରୁଥିବା ବେଳେ ଦୀର୍ଘଦିନ ହେବ ଜଳକଷ୍ଟ ଭୋଗୁଛନ୍ତି। ବିଭାଗୀୟ ଅଧିକାରୀ ଓ ପ୍ରଶାସନର ଅଣଦେଖା ଯୋଗୁ ୪୦ ହଜାର ଲିଟର କ୍ଷମତାବିଶିଷ୍ଟ ଏହି ପାଣିଟାଙ୍କିରୁ ଜଳଯୋଗାଣ ହୋଇପାରୁନାହିଁ। ବର୍ତ୍ତମାନ ଖରାତାତି ବଢିବା ସାଙ୍ଗକୁ କୂଅ ପୋଖରୀ ଶୁଖିଗଲାଣି। ପାଣି ପାଇଁ ଲୋକେ ନଳକୂଅ ନିକଟରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେଉଛନ୍ତି। ପାଣିଟାଙ୍କି ଲାଗି ବିଦ୍ୟୁତ୍ ବିଲ୍ ୧ ଲକ୍ଷ ଟଙ୍କାରୁ ଅଧିକ ହୋଇଗଲାଣି। ତୁରନ୍ତ ଏହା କାର୍ଯ୍ୟକ୍ଷମ ନ ହେଲେ ଗ୍ରାମବାସୀ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଚନ୍ଦ୍ରମଣି ଦିଗିଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଛନ୍ତି।



ଜଳକଷ୍ଟ ଭୋଗୁଥିବା ବୃନ୍ଦେଇପୋଷି ଗାଁର ଜନସାଧାରଣ ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

ବାଙ୍ଗିରିପୋଷି,୧୬।୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ସାମାଜିକ ସେବା ଶାଖା ଜାତୀୟ ସେବା ଯୋଜନା (+୨,+୩), ଯୁବ ରେଡ୍‌କ୍ରସ ଏବଂ ଏନ୍‌ସିସି ତରଫରୁ ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କ ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୬,୧୯୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ଅଧିବାସୀ, ମହାବିଦ୍ୟାଳୟର କର୍ମକର୍ତ୍ତା ତଥା ବିଭିନ୍ନ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।

# ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ବୃନ୍ଦ।

ବାରିପଦା ଅଫିସ,୧୬।୫

ସ୍ଥାନୀୟ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ମିଶନ ସାଇନ୍ସ ଏକାଡେମୀ ପରିସରରେ ମାସିକ ସାରସ୍ୱତ ଆଲୋଚନାଚକ୍ରଅନୁଷ୍ଠିତହୋଇଯାଇଛି। ମଞ୍ଚର ସଭାପତି ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିଦାଘ ଆସିଛି ଶୀର୍ଷକ ବିଷୟ ବସ୍ତୁ ଉପରେ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାରିପଦା ସ୍ଥିତ ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ତଥା ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କବିୟିତ୍ରୀ ସୁନୀତା ରାଣୀ ଓ ଅଧ୍ୟାପକ ଅଶୋକ କୁମାର ମୁର୍ମୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଏସପି ଜ୍ୟୋତି ସ୍ୱାଗତ ଭାଷଣ ଦେଇଥିବା ବେଳେ ବର୍ଷା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଞ୍ଚଣା ତିଆରି କାରିଗରଙ୍କୁ ମିଳୁନି ଉଚିତ ମୂଲ୍ୟ

କପ୍ତିପଦା,୧୬।୫(ଡି.ଏନ.ଏ)

**■ସଙ୍କଟରେ କୌଳିକ ବୃତ୍ତି**
**■ଚାହିଦା ଅଛି, ପ୍ରୋତ୍ସାହନ ନାହିଁ**

ବୈଶାଖ ମାସର ଡହଡହ ଖରା ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ପ୍ରଚଣ୍ଡ ଗୁଳୁଗୁଳିରେ ଲୋକେ ଅତିଷ୍ଠ ହୋଇ ପଡିଲେଣି। ଯଦିଓ କାଳ ବୈଶାଖୀ ସମୟ ସମୟରେ ତାପମାତ୍ରା କମାଇବାରେ ସହାୟକ ହୋଇଛି ତଥାପି ବର୍ଷା ପରର ଗୁଳୁଗୁଳି ଓ ବିଦ୍ୟୁତକାଟ୍ ପାଇଁ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଆକାଶରେ ମେଘ ଦେଖାଦେଲେ କିମ୍ବା ଗଛର ପତ୍ର ହଲିଲେ ଅଘୋଷିତ ବିଦ୍ୟୁତକାଟ୍ ହେଉଛି । ଯାହା ଫଳରେ ଲୋକ ମାନେ ନାଁ ଶାନ୍ତିରେ ଶୋଇ ପାରୁଛନ୍ତି ନାଁ ଖାଇ ପାରୁଛନ୍ତି । ବିଦ୍ୟୁତକାଟ୍ ପାଇଁ ଏହି ସମୟରେ ଫ୍ୟାନ, ଏସି ଓ କୁଲର ସବୁ ଅଲୋଡା ହୋଇ ପଡୁଛି । ଗାଁ ଆମ୍ବ ତୋଟା, ପୋଖରୀକୂଳ ଓ ଗଛ ମୂଳରେ ଲୋକଙ୍କ ଭଡ଼ ଜମୁଛି । କେତେକ ଲୋକ ହାତରେ ଖଣ୍ଡେ ଖଣ୍ଡେ ବାଉଁଶ ଏବଂ ବରଡା ପତ୍ରରେ ତିଆରି ବିଞ୍ଚଣା ଧରି ଘର ପିଣ୍ଡାରେ ବସି ବିଞ୍ଚି ହେଉଥିବାର ଦେଖାଯାଉଛି । ଯେତେ ଫ୍ୟାନ, ଏସି ଓ କୁଲର ବ୍ୟବହାର ସତ୍ତ୍ୱେ ଏହାର ଚାହିଦା ଥିଲା ଓ ବର୍ତ୍ତମାନ ମଧ୍ୟ ଅଛି । ମାତ୍ର ଏହାର କାରିଗର ମାନଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବା ବେଳେ ବଜାରରେ ମଧ୍ୟ ଉଚିତ ମୂଲ୍ୟ ମିଳୁନି। ଏତଦବାଦ ପ୍ଲାଷ୍ଟିକ୍ ତିଆରି ବଞ୍ଚଣା କିଛି ମାତ୍ରରେ ଏହାର ସ୍ଥାନ ମାଡ଼ି ବସିଛି । ପ୍ଲାଷ୍ଟିକ୍ ତିଆରି ବିଞ୍ଚଣା ଖରାରେ ଗରମ ହୋଇ ଯାଉଥିବାରୁ ବରଡା ପତ୍ର ଓ ବାଉଁଶରେ ତିଆରି ବିଞ୍ଚଣାର ଆଦର ଏବେ ମଧ୍ୟ ରହିଛି । ମାତ୍ର ପରିଶ୍ରମ ଅନୁସାରେ ମୂଲ୍ୟ ମିଳୁ ନ ଥିବାରୁ ଏହା ପ୍ରସ୍ତୁତ କରୁଥିବା କାରିଗର ମାନେ ଏଥିରୁ ମୁହଁ ଫେରାଇବାକୁ ବସିଲେଣି । ଯୁବ ପିଢୀ ସୁରଟ, ଚେନ୍ନାଇ ଦିଲ୍ଲୀ ଓ ବମ୍ବେ ଯାଇ ପରିଶ୍ରମ କରିବାକୁ ଉଚିତ ମଣୁଥିବା ବେଳେ ଏହି ବେଉସାରୁ ସେମାନଙ୍କ ପରିବାର ପ୍ରତିପୋଷଣ ସମ୍ଭବ ନୁହେଁ ବୋଲି ନୁଦୁଡିହା ଗ୍ରାମର ସୁମିତ ବୈଠା ପ୍ରକାଶ କରିଛନ୍ତି । ଏହି କାରିଗର ମାନେ ତାଳ ଗଛରୁ ବରଡା କାଟି ତାକୁ ପାଣିରେ ପକାଇ ପାଗ ଦେଇ ଶୁଖାଇ ବିଞ୍ଚଣା ସମେତ ଜାଳି, ପାଛିଆ, ମାଣ ଓ ଆସନ ଆଦି ପ୍ରସ୍ତୁତ କରିଥାନ୍ତି । ମାତ୍ର ତାଳ ଗଛକୁ ଉଠି ବରଡା କାଟିବାରେ ବହୁ ପରିଶ୍ରମ ହେଉଥିବା ବେଳେ ବହୁତ ରିସ୍କ ରହୁଥିବାର ଯୁବକ ଅର୍ଜୁନ ବୈଠା ପ୍ରକାଶ କରିଛନ୍ତି । ଏହି ଜିନିଷକୁ ସେମାନେ ନିକଟସ୍ଥ ଉଦଳା, କପ୍ତିପଦା ଓ ଶାଳଚୁଆ ହାଟ ମାନଙ୍କରେ ବିକ୍ରି କରିଥାନ୍ତି, ଖୁଣ୍ଟା ଓ ବାରିପଦାରୁ କିଛି ବେପାରୀ ଆସି ମଧ୍ୟ ଏହା ସଂଗ୍ରହ କରି ନେଇ ଯାଇଥାନ୍ତି । ପରିଶ୍ରମ ଅନୁସାରେ ବଜାର ଦର ଠିକ୍ ରହୁ ନ ଥିବାରୁ କେବଳ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ବର୍ଷର ୩/୪ମାସ ଏହା ପ୍ରସ୍ତୁତ କରୁଥିବାର ଝରଣା ଦଳେଇ କହିଛନ୍ତି। ଗୋଟିଏ ଦିନରେ ଜଣେ ମହିଳା ଅତି ବେଶୀରେ ୮ରୁ ୧୦ଟି ବିଞ୍ଚଣା ପ୍ରସ୍ତୁତ କରୁଥିବା ବେଳେ ଗୋଟିକୁ ୧୫ ଟଙ୍କାରୁ ୨୦ ଟଙ୍କା ଦରରେ ବିକ୍ରି ହୋଇଥାଏ। ଯାହାର ବଜାର ମୂଲ୍ୟ ଅତି ବେଶୀରେ ୨୦୦ଟଙ୍କା। ତା ତୁଳନାରେ ବର୍ତ୍ତମାନ ମଜୁରୀ ୩୦୦ଟଙ୍କାରେ ପହଞ୍ଚି ଥିବାରୁ ବର୍ଷ ସାରା ଏହି ବୃତ୍ତିକୁ ଆପଣେଇବା ସମ୍ଭବ ନୁହେଁ ବୋଲି ବୃଦ୍ଧା ମାଳତୀ ଦଳେଇ ପ୍ରକାଶ କରିଛନ୍ତି। ସେହିପରି ବାଉଁଶ ବିଞ୍ଚଣା ପାଇଁ ବାଉଁଶ କିଣିବାକୁ ପଡୁଥିବା ବେଳେ ତାହା ୩୦ରୁ ୫୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ବୈଶାଖ ମାସ ପୂର୍ବରୁ ଏହାର ଚାହିଦା ଅଧିକ ଥିବାରୁ ଏହି ସମୟରେ ଏହା ପ୍ରସ୍ତୁତ କରୁଥିବାର ଜଣାଯାଇଛି । ପରିବାରର ପୁରୁଷ ଲୋକ ମାନେ ବରଡା ଓ ବାଉଁଶ ସଂଗ୍ରହ କରିଥାନ୍ତି । ଏହାକୁ ମାପ ଅନୁସାରେ କାଟି ପାତିଆ ବାହାର କରି ତଳ ଉପର କରି ବୁଣାଯାଇଥାଏ । ଏହି ବିଞ୍ଚଣା ମଧ୍ୟ ବିଭିନ୍ନ ଆକୃତିର ହୋଇଥାଏ। ସୁନ୍ଦର ଦେଖା ଯିବା ପାଇଁ ଏଥିରେ ବିଭିନ୍ନ ରଙ୍ଗ ମଧ୍ୟ ବ୍ୟବହାର କରାଯାଏ । ବିଞ୍ଚଣାକୁ ବୁଲାଇବା ପାଇଁ ତା ସହିତ ବାଉଁଶ କାଠି ଓ ନଳିର ବ୍ୟବହାର କରାଯାଏ । ଏ ସମ୍ପର୍କରେ ବରିଷ୍ଠ ନାଗରିକ ତଥା ଜାମବଣୀ ସରପଞ୍ଚ ବୁନ୍ଦେଶ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ଯଦି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ଏହା ପ୍ରସ୍ତୁତ ପାଇଁ ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ମିଳିପାରନ୍ତା ତେବେ ବହୁ ମହିଳା ଏଥିରେ ଉପକୃତ ହୋଇ ପାରନ୍ତେ ବୋଲି କହିଛନ୍ତି।



ଜଣେ ମହିଳା ହାଟରେ ବିଞ୍ଚଣା ବିକ୍ରି କରୁଛନ୍ତି ।

## ସଂକ୍ଷେପରେ

### ସଂଘବଦ୍ଧ ଆକ୍ରମଣ ଅଭିଯୋଗ: ଥାନାରେ ୪ ଅଟକ

**ଭଦ୍ରକ ଅଫିସ, ୧୬ା୫:** ପୁଅର ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ବାପା ଓ ତାଙ୍କ ଦ୍ୱାରା ନିୟୋଜିତ କେତେକ ଲୋକଙ୍କ ଆକ୍ରମଣ ଘଟଣା ଭଦ୍ରକ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଘଟଣାସ୍ଥଳରୁ କାବୁ କରି ଥାନାରେ ଅଟକ ରଖିଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ନଳାଙ୍ଗ ଛକ ନିକଟରେ ଏକ ଜମିରେ ଜଣେ ଯୁବକ ତାଙ୍କ ବାପାଙ୍କ ସହିତ ୩ ବର୍ଷିଆ ଚୁକ୍ତିନାମା କରି ସାନିଟାରୀ ବ୍ୟବସାୟ କରିଆସୁଥିଲେ। ବୁଧବାର ଅପରାହ୍ନରେ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ହାତରେ ଠେଙ୍ଗା, ରଡ୍ ଓ ବିଭିନ୍ନ ମାରଣାସ୍ତ୍ର ଧରି ଦୋକାନରେ ପଶି ଭଙ୍ଗାରୁଜା କରିଥିଲେ। ଏଥିରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ତେବେ ଏହି ଘଟଣାରେ ଟାଉନ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। କିନ୍ତୁ ଘଟଣା ଗ୍ରାମାଞ୍ଚଳ ଥାନା ଅଧୀନରେ ହୋଇଥିବାରୁ ଗ୍ରାମାଞ୍ଚଳ ପୋଲିସ ତଦନ୍ତ ଚଳାଇଛି।

### ତିହିଡ଼ି ବଜାରରେ ଅଗ୍ନିକାଣ୍ଡ ହୋଟେଲ ଜଳିଗଲା

**ତିହିଡ଼ି, ୧୬ା୫ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବଜାରରେ ଥିବା ଏକ ହୋଟେଲ ବୁଧବାର ରାତିରେ ନିଆଁ ଲାଗି ଜଳିଯାଇଛି। ତିହିଡ଼ିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ହୋଟେଲର ବିଭିନ୍ନ ସାମଗ୍ରୀ ଓ ଅନ୍ୟାନ୍ୟ ଅସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ହୋଟେଲଟି ଭାଟପଡ଼ା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ଗ୍ରାମର ମନୋରଞ୍ଜନ ସେନାପତି ଓ ରାଜେନ୍ଦ୍ର ସେନାପତିଙ୍କର ବୋଲି ଜଣାପଡ଼ିଛି। ବିଦ୍ୟାଧର ରାଉତ ନାମକ ଜଣେ ବ୍ୟକ୍ତି ହୋଟେଲକୁ ଭଡ଼ା ସୂତ୍ରରେ ନେଇ ଚଳାଉଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ।

### କାଳବୈଶାଖୀରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ

**ବନ୍ତ, ୧୬ା୫ (ସ୍ୱ.ପ୍ର.):** ବୁଧବାର ଅପରାହ୍ନରୁ କାଳବୈଶାଖୀ ବର୍ଷା ପବନ ଯୋଗୁଁ ୨୪ ଘଣ୍ଟା ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଛି। ଅସହ୍ୟ ଗୁଳୁଗୁଳିରେ ୭ ଗ୍ରାମର ଲୋକେ ହନ୍ତସନ୍ତ ହେଉଛନ୍ତି। ପ୍ରବଳ ପବନରେ ବନ୍ତର ଅଧିକାଂଶ ସ୍ଥାନରେ ଗଛ ଓ ଡାଳ ଭାଙ୍ଗି ପଡ଼ିଥିବାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଗୁରୁବାର ସକାଳୁ ଜେସିବି ଲଗାଇ ଭାଙ୍ଗିପଡ଼ିଥିବା ଗଛ ଓ ଡାଳକୁ ସଫା କରାଯାଇଥିଲେ ମଧ ବିଦ୍ୟୁତ୍ ଯୋଗାଣ ହୋଇପାରି ନାହିଁ। ଗୁରୁବାର ଅସହ୍ୟ ଗୁଳୁଗୁଳି ଆଡିଆ, କଳାପାହାଡ, ଗିରିଧାରୀନଗର, ଜିରିଣା, ବରଗଡିଆ, ଅଡାଳପଙ୍କ ଆଦି ଗ୍ରାମର ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଇଥିଲା। ତୁରନ୍ତ ବିଦ୍ୟୁତ୍ ଯୋଗାଣ ପାଇଁ ଗାଁ ଲୋକେ ଦାବି କରିଛନ୍ତି।

### କ୍ଷତିଗ୍ରସ୍ତ ବସ୍ତିବାସିନ୍ଦାଙ୍କୁ ସହାୟତା

**ଭଦ୍ରକ ଅଫିସ, ୧୬ା୫:** ଫନୀରେ କ୍ଷତିଗ୍ରସ୍ତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଭଦ୍ରକର ଦୁଇ ସାମାଜିକ ସଙ୍ଗଠନ ୟୁଡି ଗ୍ରୁପ୍ ଓ ଜାଗ୍ରତ ସେନା। କଟକର ରାଣୀହାଟ, ସିଡିଏ ଓ ମଣିସାହି କେନାଲ ରୋଡ୍‌ରେ ସରକାରଙ୍କଠାରୁ ସହାୟତା ରୂପେ ପାଇଥିବା କେବଳ ଖଣ୍ଡିଏ ଲେଖାଏ ପଲିଥିନ୍ ତଳେ ମୁଣ୍ଡ ଗୁଞ୍ଜିଥିବା ପ୍ରାୟ ୩ ଶହ ବସ୍ତିବାସିନ୍ଦାଙ୍କୁ ଏହି ଦୁଇ ସଙ୍ଗଠନ ସହାୟତା ପ୍ରଦାନ କରିଛନ୍ତି। ୟୁଡି ଗ୍ରୁପ୍‌ର ମୁଖ୍ୟ ଅତୁଲ ନାୟକ, ସଞ୍ଜୟ ଚକ୍ରବର୍ତ୍ତୀ, ହିମାଦ୍ରି ଦାସ, ଚନ୍ଦନ ଦାସ, ଦୀପକ ସ୍ୱାଇଁ, ଅମିତ ନାୟକ ଓ ଏମ୍‌ପି ଅନୁଭବ ମହାନ୍ତିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଦାସ ଏବଂ ଜାଗ୍ରତ ସେନାର ମୁଖ୍ୟ ସୁଶାନ୍ତ ସାହୁ, ଅଲୋକ ସ୍ୱାଇଁ ପ୍ରମୁଖ ଉକ୍ତ ଅଞ୍ଚଳକୁ ଯାଇ ବସ୍ତିବାସିନ୍ଦାଙ୍କୁ ଆଳୁ, ପନିପରିବା, ଚୂଡ଼ା, ମୁଢ଼ି, ଚିନି, ବିସ୍କୁଟ, ପାଣି ବୋତଲ, କ୍ୟାଣ୍ଡେଲ, ଦିଆସିଲି ଓ ଟର୍ଚ୍ଚ ଆଦି ଯୋଗାଇ ଦେଇଛନ୍ତି। ବାତ୍ୟା ପ୍ରପୀଡ଼ିତ ଅଞ୍ଚଳବାସୀ ଏବେବି ଯେଉଁଭଳି ଭାବେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି ସେମାନଙ୍କର ପୁନଃବସତି ନିମନ୍ତେ ମାନବିକତା ଦୃଷ୍ଟିରୁ ନିଜର ସକ୍ଷମତା ଅନୁଯାୟୀ ସମସ୍ତେ ସହାୟତାର ହାତ ବଢ଼ାଇବାକୁ ୟୁଡି ଗ୍ରୁପ୍‌ର ମୁଖ୍ୟ ନାୟକ ଅନୁରୋଧ କରିଛନ୍ତି।

# ଅସାମାଜିକ କାର୍ଯ୍ୟ ପାଇଁ ସୁରକ୍ଷିତ ସ୍ଥାନ ଗେଷ୍ଟ ହାଉସ୍

- କଡ଼ାକଡ଼ି ନିୟମ ନାହିଁ, ବଢ଼ୁଛି ଅପରାଧ
- ସିସିଟିଭି ଲାଗୁ ନ ଥିବାରୁ ହୋଇପାରୁନି ରେକର୍ଡ
- ପୋଲିସ ପାଖରେ ପହଞ୍ଚୁନି ଗେଷ୍ଟ ତାଲିକା

**ଭଦ୍ରକ ଅଫିସ, ୧୬ା୫**

ଭଦ୍ରକ ସହର ବିଭିନ୍ନ ଅସାମାଜିକ କାର୍ଯ୍ୟ ପାଇଁ ଚର୍ଚ୍ଚାର ପରିସରକୁ ଆସିବାରେ ଲାଗିଛି। ସହରରେ ଉଭୟ ସମ୍ପ୍ରଦାୟର ଲୋକେ ବସବାସ କରୁଥିବାରୁ ପର୍ବପର୍ବାଣି ବର୍ଷସାରା ଲାଗିରହିଥାଏ। ଏହାବ୍ୟତୀତ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହି ସହରର ଗୁରୁତ୍ୱ ରହିଛି। ଏଣୁ ଏଠାରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଲଜ୍ ଓ ଗେଷ୍ଟହାଉସ୍ ଗଢ଼ିଉଠିଛି। ଲଜ୍ ଓ ଗେଷ୍ଟହାଉସ୍‌ଗୁଡ଼ିକ ଭଦ୍ରକ ସହରାଞ୍ଚଳ ଥାନା ଅଧୀନରେ ରହିଛି। ଦିନକୁ ଦିନ ଏହି ଲଜ୍ ଓ ଗେଷ୍ଟହାଉସ୍ ଅସାମାଜିକ କାର୍ଯ୍ୟକଳାପ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି। ଲଜ୍‌ଗୁଡ଼ିକରେ ସିସିଟିଭି ଲଗାଯିବା ବାଧ୍ୟତାମୂଳକ ଥିଲେ ମଧ୍ୟ ଏହା ଲଗାଯାଉ ନ ଥିବାରୁ ଅପରାଧୀଙ୍କ କାର୍ଯ୍ୟକଳାପ ରେକର୍ଡ ହୋଇପାରୁ ନାହିଁ କିମ୍ବା ପୋଲିସ ନଜରକୁ ଆସିପାରୁନାହିଁ। ଯାହାଦ୍ୱାରା ଅପରାଧୀମାନେ ଏଠାରେ ରହି ବିଭିନ୍ନ ଅପରାଧିକ କାର୍ଯ୍ୟ କରି ସୁରକ୍ଷିତ ଭାବେ ଖସି ପଳାଉଛନ୍ତି। ପୋଲିସର ନଜର ଆଢୁଆଳରେ ଏଭଳି କାର୍ଯ୍ୟ ହେଉଥିବା ଜଣେ ବରିଷ୍ଠ ଅଧିକାରୀ ସଫେଇ ଦେଉଥିବା ବେଳେ ସଚେତନ ନାଗରିକମାନେ କିନ୍ତୁ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠାଇଛନ୍ତି।

ଦୀପାବଳି ସମୟରେ ପ୍ରାୟ ୧୦ ଦିନ ସହରରେ ଯାତ୍ରା ଲାଗିରହେ। ଏହି ସମୟରେ ଚରମ୍ପା ଅଞ୍ଚଳରେ ଥିବା ଲଜ୍ ଓ ଗେଷ୍ଟହାଉସ୍‌ରେ ବାହାରୁ ଆସି ଲୋକେ ରହିଥାନ୍ତି। ଏହି ଲୋକଙ୍କ ମଧ୍ୟରେ ପ୍ରାୟତଃ କଲିକତା ଅଞ୍ଚଳର। ବ୍ୟବସାୟ କରିବା ବାହାନାରେ ଏମାନେ ଏଠାରେ ରହି ପକେଟ୍‌ମାର୍ ଓ ଅଳଙ୍କାର ଲୁଟ୍ କରିଥାନ୍ତି। ଏଥିପାଇଁ ନିର୍ଦ୍ଦିଷ୍ଟ ଭାବେ ପ୍ରତିବର୍ଷ ଏକାଧିକ ଗ୍ୟାଙ୍ଗ ଭଦ୍ରକରେ ଆସି ଡେରା ପକାଇଥାନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ନାବାଳକ ଓ ନାବାଳିକା। ଚୋରି ଓ ଲୁଟ୍‌ପାଟ୍ କରି କୌଣସିମତେ ଖସି ଯାଆନ୍ତି। କାଁ ଭାଁ ଧରା ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନରେ ବାଧକ ସାଜେ ବାଳ ଅପରାଧୀ ଆଇନ। ଏହାଛଡ଼ା ଭଦ୍ରକ ସହରରେ ହେଉଥିବା ଅପରାଧ ପଛରେ ଗଞ୍ଜାମ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭୁବନେଶ୍ୱର, ଖୋର୍ଦ୍ଧା ଅଞ୍ଚଳର ଅପରାଧୀମାନଙ୍କର ଲିଙ୍କ୍ ରହିଥାଏ। ଜିଲା ବାହାରର ଅପରାଧୀମାନେ ଭଦ୍ରକର ଲଜ୍ ଓ ଗେଷ୍ଟହାଉସ୍‌ରେ ରହି ଅପରାଧ ଘଟାଇ ଫେରାର ହୋଇଯାଉଥିବାର ନଜିର ରହିଛି। ଲଜ୍‌ଗୁଡ଼ିକରେ କଡ଼ାକଡ଼ି ଭାବେ ନିୟମ ରହୁ ନ ଥିବା କାରଣରୁ ଏହା ସେମାନଙ୍କୁ ସୁହାଉଛି। ଏପରିକି ଦୈନିକ କିଛି ଲଜ୍‌ରେ ନାବାଳିକା ଓ ଯୁବତୀମାନଙ୍କୁ ଅଣାଯାଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ କରାଯାଉଥିବା ଅଭିଯୋଗ ହେଉଛି। ଅସତ୍ ଉପାୟରେ ଅଳ୍ପ ସମୟରେ ଲଜ୍ ମାଲିକମାନେ ଅଧିକ ଭଡ଼ା ପାଉଥିବାରୁ ଏହା ରୀତିମତ ରୋଜଗାରର ପନ୍ଥା ହୋଇଯାଇଛି। ମାତ୍ର ପୋଲିସ ସବୁ ଜାଣି ନ ଜାଣିଲା ଭଳି ରହୁଛି। ଦୈନିକ ଲଜ୍‌ର ଗେଷ୍ଟ ତାଲିକା ସ୍ଥାନୀୟ ଥାନାରେ ଦେବାର ନିୟମ ରହିଥିବା ବେଳେ ବର୍ଷ ବର୍ଷ ଧରି ଏହି ତାଲିକା ପୋଲିସ ପାଖରେ ପହଞ୍ଚୁନି।

ଉଲ୍ଲେଖନୀୟ ଯେ, ଗତ ୬ ତାରିଖରେ ସାଳନ୍ଦୀ ଗେଷ୍ଟହାଉସରେ ଜଣେ ନାବାଳିକା ଓ ଜଣେ ଯୁବକଙ୍କ ମୃତଦେହ କ୍ଷତାକ୍ତ ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ବର୍ଷକ ତଳେ ୨୦୧୮ ଜୁନ୍ ୧୯ରେ ଉକ୍ତ ଗେଷ୍ଟହାଉସରେ ୨ଟି ରୁମ୍ ନିଆଯାଇ ୨ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏହି ଘଟଣାରେ ୨ ଯୁବକଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ଯଦି ପୋଲିସ ଗେଷ୍ଟହାଉସ ମାଲିକଙ୍କ ଉପରେ ଆଇନଗତ କଟକଣା ଜାରି କରିଥାନ୍ତା ତେବେ ଚଳିତମାସରେ ୨ କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇ ନ ଥାନ୍ତା ବୋଲି ଲିଖିତ ଅଭିଯୋଗ କରିଛନ୍ତି ମୃତକଙ୍କ ପରିବାର ଲୋକେ। ପୋଲିସ ଭଡ଼ାଟିଆଙ୍କ ଉପରେ ସତର୍କ ଦୃଷ୍ଟି ଦେବାକୁ ବିଭିନ୍ନ ବର୍ଗର ଲୋକେ ଦାବି କଲେଣି। ଲଜ୍ ଓ ଗେଷ୍ଟହାଉସରେ ରହୁଥିବା ଲୋକଙ୍କ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିବା ସହ ଅତର୍କିତ ଚଢ଼ାଉ କରିବାକୁ ଆଇନଜୀବୀ ଗଦାଧର ବଳ, ରାଧାରାଣୀ ମହାପାତ୍ର, ବରିଷ୍ଠ ନାଗରିକ ଶାନ୍ତନୁ ରାଉତ, ରାଜଲକ୍ଷ୍ମୀ ମହାପାତ୍ର, ଅଶୋକ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଟାଉନ ଥାନାଧିକାରୀ ସରୋଜିନୀ ସିଂଙ୍କୁ ପଚାରିବାରୁ ଲଜ୍ ଓ ଗେଷ୍ଟହାଉସ ଉପରେ ପୋଲିସ ନଜର ରଖିଛି ଓ ଉପଯୁକ୍ତ ସମୟରେ ଯାଞ୍ଚ କରାଯାଉଛି ବୋଲି କହିଛନ୍ତି।





ଶ୍ରୀରାମ


ନୀଲୁ


ଲାଲା


ମାନସ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆଧ୍ୟାତ୍ମିକ ସମାବେଶ



ଆଧ୍ୟାତ୍ମିକ ସମାବେଶରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ।

**ଭଦ୍ରକ ଅଫିସ, ୧୬ା୫**

ଭଦ୍ରକ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ମାସିକ ବୈଠକ ଓ ଆଧ୍ୟାତ୍ମିକ ସମାବେଶ କୁଆଁସସ୍ଥିତ ନିତ୍ୟାନନ୍ଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଡ. ସନାତନ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ଦିଗମ୍ବର ମହାନ୍ତି ସଭା ପରିଚାଳନା ଓ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଅଜିତ ନାୟକ ସଂଘର ଚଳିତବର୍ଷର ବାର୍ଷିକ ଅଧିବେଶନର ଆୟବ୍ୟୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଫନୀରେ କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ ଉଦ୍ଦେଶ୍ୟରେ ସଦସ୍ୟମାନଙ୍କ ସ୍ୱେଚ୍ଛାକୃତ ଦାନ ୧୦ ହଜାର ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଜିଲାପାଳଙ୍କ ଜରିଆରେ ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ଦାବି ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇ ପରବର୍ତ୍ତୀ ସମୟରେ ନୂତନ ସରକାରଙ୍କଠାରେ ଉପସ୍ଥାପନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକାରିଣୀ ପରିଷଦର ବରିଷ୍ଠ ସଦସ୍ୟ ଡ. ଗୋଲକ ବିହାରୀ ସାହୁ ଅରବିନ୍ଦଙ୍କ ଜୀବନୀ, ସେବା, ଜାତୀୟତାବାଦ ସମ୍ପର୍କିତ ଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟ ତଥା ଲେଖକ ହରମୋହନ କୁଅଁର ଧନ୍ୟବାଦ ଦେଇଥିଲେ।

## ଫାଇନାନ୍ସ କର୍ମଚାରୀଙ୍କଠୁ ଟଙ୍କା ଲୁଟ୍ ଘଟଣା: ୩ ଗିରଫ

**ବନ୍ତ, ୧୬ା୫ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଆଗରପଡ଼ା ଥାନା ଅନ୍ତର୍ଗତ ପୁରୁଷଣ୍ଡ କେନାଲବନ୍ଧ ରାସ୍ତାରେ ବୁଧବାର ଅଧିକାର ନାମକ ଏକ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ୫ ଲୁଟେରା ଟଙ୍କା ଲୁଟ୍ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଫାଇନାନ୍ସ କମ୍ପାନୀ ମ୍ୟାନେଜର ମାନସ ରଞ୍ଜନ ତରାଇଙ୍କ ଅଭିଯୋଗ କ୍ରମେ ଆଗରପଡ଼ା ଥାନା ପୋଲିସ ଏକ ମାମଲା(ନଂ. ୬୦/୧୯) ରୁଜୁ କରି ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିସଲକଣା ଗ୍ରାମର ବଳାରାମ ନାୟକ, ବୋଡ଼କପାଟଣାର ସଞ୍ଜୟ କୁମାର ଜେନା ଏବଂ ଓଡଙ୍ଗ ଗ୍ରାମର ରାଜକିଶୋର ରାଉତ। ଅନ୍ୟ ୨ ଜଣ ଫେରାର ଥିବା ଥାନାଧିକାରୀ ରମେଶ ସିଂ ସୂଚନା ଦେଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଫାଇନାନ୍ସ କର୍ମଚାରୀ ଶଶୀକାନ୍ତ ପ୍ରଧାନ ଓ ମଞ୍ଜୁଲତା ବେହେରା ବିଭିନ୍ନ ଗ୍ରାମରୁ ଟଙ୍କା ଅଦାୟ କରି ସ୍କୁଟିରେ ସୋସୋ ଥାନା ଅଧୀନ ବାରିଗାଁକୁ ଯାଉଥିଲେ। ଦୁଇଟି ବାଇକ୍‌ରେ ୫ ଜଣ ଯୁବକ ସେମାନଙ୍କ ପିଛା କରି ପୁରୁଷଣ୍ଡ ଶାଖା କେନାଲ ପାଖରେ ସେମାନଙ୍କୁ ଅଟକାଇଥିଲେ। ଲୁଟେରାମାନେ କର୍ମଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ବ୍ୟାଗ୍ ନେଇ ପଳାଇ ଯାଇଥିଲେ। ଉକ୍ତ ବ୍ୟାଗ୍‌ରେ ପ୍ରାୟ ୨୦ ହଜାର ୨୭୦ ଟଙ୍କା ଥିବାବେଳେ ଏକ ସୁନା ମୁଦି, ମୋବାଇଲ ଛଡ଼ାଇ ନେଇଯାଇଛନ୍ତି ଲୁଟେରା। ଲୁଟେରାମାନଙ୍କୁ ସ୍ଥାନୀୟ କେତେକ ଯୁବକ ପିଛା କରି ଆଡିଆ କାଦବରାଙ୍ଗ ରାସ୍ତାର ବାଙ୍କତିରା କେନାଲ ବନ୍ଧ ପାଖରେ କାବୁ କରିନେଇଥିଲେ। ୨ ଜଣଙ୍କୁ ପୋଲିସ ଜିମା ଦେଇଥିବା ବେଳେ ଆଉ ଜଣଙ୍କୁ ପୋଲିସ ରାତିରେ ଗିରଫ କରିଥିଲା।

## ‘ଶିଶୁ ସାହିତ୍ୟ ଶିଶୁ ମନୋରଞ୍ଜନଧର୍ମୀ ହେବା ବାଞ୍ଛନୀୟ’

**ଭଦ୍ରକ ଅଫିସ, ୧୬ା୫**

ଶିଶୁ ସାହିତ୍ୟ ଶିଶୁମାନଙ୍କର ମନୋରଞ୍ଜନଧର୍ମୀ ହେବା ବାଞ୍ଛନୀୟ। ଏହା ଶିଶୁ ହୃଦୟରେ ଦେଶପ୍ରେମ, ସମାଜସେବା, କର୍ତ୍ତବ୍ୟପରାୟଣତା, ସମୟାନୁବର୍ତ୍ତିତା ଆଦି ମୂଲ୍ୟବୋଧ ଜାଗ୍ରତ ହେବା ସହ ଚରିତ୍ର ଗଠନରେ ସହାୟକ ହେବା ଉଚିତ ବୋଲି ଆମ ମାତୃଭାଷା ପରିଷଦ ଆନୁକୂଲ୍ୟରେ ଭଦ୍ରକ କଲ୍ୟାଣୀନଗରଠାରେ ଆୟୋଜିତ ସଂକ୍ରାନ୍ତି ଆସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ନୀହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରକୁ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଗୟାଧର ପଣ୍ଡା ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପରିଷଦର ସମ୍ପାଦକ ଡା. ଅନୀଲ କୁମାର ଦାଶ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଏବଂ କବୟିତ୍ରୀ ମମତାରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ‘ସାମ୍ପ୍ରତିକ ଓଡ଼ିଆ ଶିଶୁ ସାହିତ୍ୟ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଶକୁନ୍ତଳା ନାୟକ, ନାଟ୍ୟଶ୍ରୀ ନିର୍ମଳ ରାଉତ, କବି କିରଣ ଚନ୍ଦ୍ର ଗୁଇଁ, ଅଧ୍ୟାପକ ଉମାକାନ୍ତ ମଲ୍ଲିକ ଓ ପ୍ରଫେସର କୈଳାସ ଚନ୍ଦ୍ର ଜେନା ଏଥିରେ ଅଂଶଗ୍ରହଣ କରି ବକ୍ତବ୍ୟ ରଖିଥିଲେ। ପରେ କବୟିତ୍ରୀ ଶକୁନ୍ତଳା ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ସୁନନ୍ଦା ନାୟକ, ରମାକାନ୍ତ ପାଳ, ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ବାବାଜୀ ଚରଣ ମହାନ୍ତି, କବୟିତ୍ରୀ ମମତାରାଣୀ ଦାଶ, ରମେଶ ଚନ୍ଦ୍ର ରାଉତ, ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ବୈକୁଣ୍ଠ ବିଶ୍ୱାଳ, କିରଣ ଚନ୍ଦ୍ର ଗୁଇଁ, ଡା. ଅନୀଲ କୁମାର ଦାଶ ପ୍ରମୁଖ କବିତାପାଠ କରିଥିଲେ।

## ‘ଫନୀ ପରେ ଡେଙ୍ଗୁ ପ୍ରତି ସତର୍କ ଆବଶ୍ୟକ’

**ତିହିଡ଼ି, ୧୬ା୫ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଗୁରୁବାର ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଆୟୁଷ ଡାକ୍ତର ଦେବସ୍ମିତା ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ଆୟୁଷ ଡା. ମଧୁସ୍ମିତା ଦାସ, ଡା. ପୁଷ୍ପଲତା ସ୍ୱାଇଁ, ଡା. ସୌମ୍ୟରଞ୍ଜନ ଗାହାଣ, ଡା. ଦିଲୀପ ଦାସ, ଡା. ସୁଦୀପ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଡେଙ୍ଗୁର ଲକ୍ଷଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଫନୀ ପରେ ଭୂତଳ ଜଳ ପ୍ରଭାବିତ ହୋଇଛି। ଏଣୁ ବିଶୁଦ୍ଧ ଜଳ ପିଇବା ସହ ଡେଙ୍ଗୁ ପ୍ରତି ସତର୍କ ରହିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ଅମରେନ୍ଦ୍ର ପୃଷ୍ଟି, ଚିନ୍ମୟ ପରିଡ଼ା, ଦେବବ୍ରତ ଦାସ, କୃଷ୍ଣଚନ୍ଦ୍ର ରଣା, ସେବତୀ ପାଢ଼ୀ, କୁମୁଦିନୀ ତ୍ରିପାଠୀ, ମହିଳା ସ୍ୱାସ୍ଥ୍ୟକର୍ମୀ ପଦ୍ମାବତୀ ରାଉତ, ରୀତାଞ୍ଜଳି ଶତପଥୀ, ସବିତା ମଲିକ, ଶାନ୍ତିଲତା ଭୋଇ, ବିଦ୍ୟୁଲତା ବିଶ୍ୱାଳ, କନକାନ୍ତୀ ଦାସ ଓ ତୁଳସୀ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶିକ୍ଷକ ପ୍ରଶିକ୍ଷଣ ଶିବିର

**ଭଣ୍ଡାରିପୋଖରୀ, ୧୬ା୫ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡିପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଗୁରୁକୂଳ ଆଶ୍ରମ ପରିସରରେ ତ୍ରିଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ସ୍ମିତାରେଖା ପାତ୍ର ପୌରୋହିତ୍ୟ କରିଥିଲେ। ପ୍ରଶିକ୍ଷକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଖିଲାର, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ପୁରୁଷୋତ୍ତମ ଧଳ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ସାହୁ, ଅଧ୍ୟାପକ ବ୍ରଜକିଶୋର ମହାନ୍ତି, ପ୍ରଧାନ ଶିକ୍ଷକ ଗଦାଧର ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପାଣି ପ୍ରମୁଖ ଯୋଗଦେଇ ଗୁରୁମା ଓ ଗୁରୁଜୀଙ୍କୁ ବିଭିନ୍ନ ଶିକ୍ଷାଦାନ ପଦ୍ଧତି, ପାଠ୍ୟ ଉପକରଣ, ପାଠ୍ୟ ଯୋଜନା ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷାଦାନର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସ୍ମିତାରେଖା ପାତ୍ର, ବନ୍ଦିତା ଦାସ, ପ୍ରତିଜ୍ଞା ପଣ୍ଡା, ଶ୍ୱେତପଦ୍ମା ଭୋଇ, ପ୍ରଭାତିଲତା ସାହୁ, ସୁଜାତା ଜେନା, ପ୍ରଜ୍ଞାପରମିତା ବେହେରା, ରୀନାରାଣୀ ବେହେରା, ରାଜକିଶୋର ଜେନା, କୈଳାସ ଜେନା, ବାବାଜୀ ସେଠୀ ଓ ସଂଗ୍ରାମ ସାହୁ ଶିବିରରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ।


ଶିବିରରେ ଉପସ୍ଥିତ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀ।

## ଜିଲାରେ ଭୋଟ ଗଣତି ନେଇ ତାଲିମ

**ଭଦ୍ରକ ଅଫିସ, ୧୬ା୫**

ଆସନ୍ତା ୨୩ ତାରିଖରେ ଭୋଟ ଗଣତି। ଗଣତିକୁ ସୁଚାରୁ ରୂପେ ସମ୍ପନ୍ନ କରିବା ନେଇ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜିଲାର ୨ଟି ସ୍ଥାନରେ ଭୋଟ ଗଣତି କରାଯିବ। ଚାନ୍ଦବାଲି, ବାସୁଦେବପୁର ଓ ଧାମନଗର ବିଧାନସଭା କ୍ଷେତ୍ରର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଭଦ୍ରକ ଓ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ଜିଲା ସଂସ୍କୃତି ଭବନରେ ଭୋଟ ଗଣତି କରାଯିବ। ପ୍ରତି ବିଧାନସଭା ପାଇଁ ୭ଟି ଟେବୁଲ ଓ ଭଦ୍ରକ ଲୋକ ସଭା ସକାଶେ ୭ ଟେବୁଲରେ ପୃଥକ୍ ପୃଥକ୍ ଗଣତି ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସାଳନ୍ଦୀ ସଭାଗୃହ ଏବଂ ପୌରପାଳିକା ସଭାଗୃହରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଦ୍‌ଭାବନା ସଭାଗୃହରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଏବଂ ସାଳନ୍ଦୀ ସଭାଗୃହରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋରମା ଭୂୟାଁ, ଅତିରିକ୍ତ ଉପଜିଲାପାଳ ହେମନ୍ତ କୁମାର ବିହାରୀ ତାଲିମ ପ୍ରଦାନ କରିଥିଲେ। ଉପଜିଲାପାଳ ପୀତାମ୍ବର ସାମଲ ପୌରପାଳିକା ସଭାଗୃହରେ ତାଲିମ ଦେଇଥିଲେ। ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରାଧିକୃତ ପ୍ରଶିକ୍ଷକ ତଥା ପୂର୍ତ୍ତ ବିଭାଗର ଯୁଗ୍ମ ସଚିବ ଦୀପକ କୁମାର ଦାଶ ଉପସ୍ଥିତ ରହି ସମସ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଜିଲାର ୬୮୫ ଅଧିକାରୀଙ୍କୁ ଗୁରୁବାରଠାରୁ ୧୯ ତାରିଖ ମଧ୍ୟରେ ପ୍ରଶିକ୍ଷିତ କରାଯିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ବୋଲି ସହକାରୀ ଜିଲାପାଳ ଜୟଶ୍ରୀ ସେନାପତି ଜଣାଇଛନ୍ତି।


ସାଳନ୍ଦୀ ସଭାଗୃହରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### ଆମ୍ବୁଲାନ୍ସ ଧକ୍କାରେ ନାବାଳକ ଗୁରୁତର

ପାଟଣା, ୧୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଗୁରୁବାର ପୂର୍ବାହ୍ନରେ ଏକ ୧୦୮ ଆମ୍ବୁଲାନ୍ସ ଧକ୍କାରେ ଜଣେ ୧୧ବର୍ଷର ନାବାଳକ ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ହୋଇଥିବା ନାବାଳକ ଜଣକ ହେଉଛନ୍ତି ସାଁରାପଶି ଗ୍ରାମର ରମେଶ ଚନ୍ଦ୍ର ମହାନ୍ତଙ୍କ ପୁଅ ଚିତ୍ତରଞ୍ଜନ। ସୂଚନା ଅନୁଯାୟୀ ଚିତ୍ତରଞ୍ଜନ ନିଜଘରୁ ସାଇକେଲ ଚଳାଇ ବଜାରକୁ ଆସୁଥିବା ବେଳେ କେନ୍ଦେଇପଶିରୁ କରଞ୍ଜିଆ ଅଭିମୁଖେ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ପାଟଣା ବ୍ଲକ ନିକଟ ଆଇସିଡ଼ିଏସ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ ଆମ୍ବୁଲାନ୍ସ ଚାଳକ ପିଲାଟିକୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇବା ପରେ ଆମ୍ବୁଲାନ୍ସଟିକୁ ଛିଡା କରାଇ ଫେରାର ହୋଇଯାଇଛନ୍ତି। ତେବେ ଏନେଇ ପାଟଣା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନା ଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ କହିଛନ୍ତି। ୧୦୮ ଓ ୧୦୨ ଆମ୍ବୁଲାନ୍ସ ଗୁଡିକ ବିଭିନ୍ନ ସମୟରେ ଦ୍ରୁତଗତିରେ ଯାଉଥିବାରୁ ଏଭଳି ଦୁର୍ଘଟଣାମାନ ଘଟୁଛି। ଆମ୍ବୁଲାନ୍ସ କର୍ତ୍ତୃପକ୍ଷ ଏହି ଗାଡି ଗୁଡିକର ପରିଚାଳନା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି।

### କାଗଜପତ୍ରରେ ଚାଲିଛି ଜଳଛତ୍ର, ଲୋକେ ହଇରାଣ



ତେଲକୋଇ, ୧୬।୫(ଡି.ଏନ.ଏ.): ତେଲକୋଇ ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ତେବେ ଏଥିପାଇଁ ପ୍ରଶାସନ ପକ୍ଷରୁ ଜଳଛତ୍ର ସହିତ ଜଳ କ୍ଲିଷ୍ଟ ଗ୍ରାମ ପାଇଁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣର ଯୋଜନା କରାଯାଇଛି । ହେଲେ ବିଭିନ୍ନ ପଞ୍ଚାୟତରେ ଜଳଛତ୍ର କରାଯାଉଥିବା ସହିତ ପାନୀୟଜଳ ଯୋଗାଣର ବ୍ୟବସ୍ଥା କେବଳ କାଗଜପତ୍ରରେ ସୀମିତ ରହିଛି। ଏଭଳି ସ୍ଥିତି ସିରିଗିଡା ମୁଖ୍ୟାଳୟ ଠାରେ ଦେଖିବାକୁ ମିଳିଥିବା ବେଳେ ଏନେଇ ଗ୍ରାମବାସୀ ମାନେ ସ୍ଥାନୀୟ ବିଡିଓ ଙ୍କ ଠାରେ ଅଭିଯୋଗ କରିଛନ୍ତି । ସିରିଗିଡା ମୁଖ୍ୟାଳୟ ଠାରେ ଜଳଛତ୍ରର ଭ୍ରମ ସୃଷ୍ଟି ହୋଇଛି। କେବଳ ଏକ ହାଣ୍ଡି ରଖାଯାଇ ଉକ୍ତ ପଞ୍ଚାୟତ ଅଧୀନରେ ୧୧ଟି ଜଳଛତ୍ର କରାଯାଇଥିବା ଗ୍ରାମ ସେବକ ବିଡିଓଙ୍କ ଠାରେ ଦର୍ଶାଇଛନ୍ତି। ହେଲେ ଉକ୍ତ ଅଞ୍ଚଳରେ ଜଳଛତ୍ର ଖୋଲାଯାଇନି। ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ଉକ୍ତ ପଞ୍ଚାୟତ କୁଣ୍ଢେଇ ହତା, ମକାପଡା, ମୟୁର ଝରଣା, କାଳିମା ଗ୍ରାମରେ ପାନୀୟଜଳ ଯୋଗାଣ ହୋଇ ପାରୁ ନାହିଁ। ଲୋକେ ସ୍ଥାନୀୟ ସରପଞ୍ଚଙ୍କୁ ତୁରନ୍ତ ପାନୀୟଜଳ ଯୋଗାଣ ପାଇଁ ପଞ୍ଚାୟତ ଅଧୀନରେ ଜଳଛତ୍ର ଖୋଲିବା ସହିତ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ପାଇଁ ଅର୍ଥ ଗଚ୍ଛିତ କରାଯାଇଥିବା କହିଛନ୍ତି। ତେବେ ଏହାକୁ ଅଣଦେଖା କରାଯାଉଥିବା ବିଡିଓଙ୍କ ଠାରେ ଅଭିଯୋଗ ହୋଇଛି । ବିଡିଓ ଦିଲ୍ଲିପ କୁମାର ବାରାଙ୍କୁ ପଚାରିବାରୁ ଉକ୍ତ ଅଞ୍ଚଳରେ ଜଳଛତ୍ର ଓ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ କରାଯାଉ ନ ଥିବା ନେଇ ଗ୍ରାମ ସେବକଙ୍କୁ କୈଫତ ମଗାଯାଇଥିବା ସେ କହିଛନ୍ତି।

### କାର୍ଯ୍ୟରେ ଯୋଗଦେଲେ ନୂତନ ଉପନିର୍ଦ୍ଦେଶକ

କେନ୍ଦୁଝର,୧୬।୫(ଡି.ଏନ୍.ଏ): କେନ୍ଦୁଝର ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ନୂତନ ଉପନିର୍ଦ୍ଦେଶକ ଭାବେ ଗଜେନ୍ଦ୍ର କୁମାର ବେହେରା ଗତ ୧୪ ତାରିଖରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ ଦେବଗଡ ଡିଆର୍‌ଡିଏରେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ପଦୋନ୍ନତି ପାଇ ସେ କେନ୍ଦୁଝରରେ ଯୋଗ ଦେଇଛନ୍ତି। ଜିଲାପାଳଙ୍କ ପରାମର୍ଶ ଓ ବିଭାଗୀୟ କର୍ମଚାରୀ ତଥା ସମସ୍ତ କାର୍ଯ୍ୟାନ୍ୱୟନ ସଂସ୍ଥା ସହିତ ସମନ୍ୱୟ ରକ୍ଷା କରି ବିଭାଗ ଅନ୍ତର୍ଗତ ସମସ୍ତ ଯୋଜନାର ଅର୍ଥ କିପରି ଠିକ୍ ଭାବରେ ବିନିଯୋଗ ହୋଇପାରିବ ସେଥିପ୍ରତି ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

## ■ ଭୋଗ ପ୍ରସ୍ତୁତିରେ ବ୍ୟତିକ୍ରମ
# ସ୍ୱାଦ ହରାଇଛି ବଳଦେବଜୀଉଙ୍କ ଖେଚୁଡ଼ି

ନରେଶ ପଟ୍ଟନାୟକ
କେନ୍ଦୁଝର, ୧୬।୫

■ମଇଁଷି ଘିଅ ବ୍ୟବହାର ହେଉନି
■ହଜିଗଲାଣି ପାହାଡ଼ ଉପରେ ଥିବା ମଇଁଷି ଗୋଠ
■ଜମିବାଡ଼ିର ରକ୍ଷଣାବେକ୍ଷଣ ନାହିଁ

କେନ୍ଦୁଝରର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପୀଠକୁ ଘିଅ ପାଇଁ ପାହାଡ଼ର ୮ଟି ସ୍ଥାନରେ ମଇଁଷି ଗୋଠ ଥିଲା। ମଇଁଷି କ୍ଷୀରରୁ ଠାକୁରଙ୍କ ପାଇଁ ଘିଅ ପ୍ରସ୍ତୁତ କରାଯାଉଥିଲା। ବେଲ ବାହାଳି (ଆନନ୍ଦପୁର)ରୁ ଗୁଡ଼ ଓ ମୁଗ ଆସୁଥିଲା। ଚାରିଗଡ଼ ଅର୍ଥାତ ତେଲକୋଇରୁ ଆସୁଥିଲା ଚାଉଳ। ତ୍ରିଲୋଚନପୁର ଓ ତାଳଗାଁରୁ ଆସୁଥିଲା ବୋଇତାଳୁ ଓ ଅନ୍ୟାନ୍ୟ ସାମଗ୍ରୀ। ଉପରୋକ୍ତ ସାମଗ୍ରୀରେ ଭୋଗ ପ୍ରସ୍ତୁତ ହୋଇ ଠାକୁରଙ୍କୁ ଲାଗି କରାଯାଉଥିଲା। ଏବେ କିନ୍ତୁ ଏହି ପରମ୍ପରାରେ ବ୍ୟତିକ୍ରମ ଘଟିଛି। ସରକାର ମନ୍ଦିର ଦାୟିତ୍ୱ ନେବା ପରେ ଠାକୁରଙ୍କ ନୀତିକାନ୍ତିରେ ନାନା ସମସ୍ୟା ଉପୁଜିଛି ବୋଲି ଅଭିଯୋଗ ହୋଇଛି ।

ଏ ନେଇ କେନ୍ଦୁଝର ସହର ମାଧପୁର ସାହିର ବରିଷ୍ଠ ନାଗରିକ ଶିବ ପ୍ରସାଦ ମହାନ୍ତି ନିଜ ଅନୁଭୂତିରୁ କୁହନ୍ତି, ହାତଗଣତି କେତେଜଣ ସେବକ ଓ ସେବାୟତଙ୍କ ଦ୍ୱାରା ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା ଚାଲିଛି । ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନ ପଦକ୍ଷେପ ଯୋଗୁ ଠାକୁରଙ୍କ ନୀତିକାନ୍ତି ଓ ପରିଚାଳନାରେ ନାନା ବିଭ୍ରାଟ ଦେଖା ଦେଇଛି । ତତ୍କାଳୀନ ରାଜାମାନଙ୍କ ଦ୍ୱାରା ପରିଚାଳିତ ହେଇ ଆସୁଥିବା ଏହି ମନ୍ଦିର ସମ୍ପର୍କରେ ସେ କୁହନ୍ତି, ମୋ ବାପା ଗୋପୀନାଥ ମହାନ୍ତି ଥିଲେ ରାଜାଙ୍କ ଦେଉଳ ଭଣ୍ଡାରର ବିଷୋଇ(ରକ୍ଷକ)। ଭଣ୍ଡାର ଘରର ସବୁ ଚାବି ତାଙ୍କ ପାଖରେ ରହୁଥିଲା । ସେହି ଚାବିର ଓଜନ ସାତ ସେର ଥିଲା। ରାଜାଙ୍କର ସେ ଅତି ବିଶ୍ୱସ୍ତ କର୍ମଚାରୀ ଥିଲେ । ଗଉଡମାନେ ମଇଁଷି ଗୋଠରୁ ଘିଅ ନେଇ ପ୍ରତି ସପ୍ତାହର ଶୁକ୍ରବାର ଆମ ଘରକୁ ଆସନ୍ତି। ସେଦିନ ରାତିରେ ସେମାନେ ଆମ ଘରେ ରୁହନ୍ତି। ହଣ୍ଡା, କଡେଇ, ଚାଉଳ ଆଦି ସାମଗ୍ରୀ ଦେଲେ ସେମାନେ ରୋଷେଇ କରି ଖାଆନ୍ତି। ଶନିବାର ଘିଅ ମାପ ହୁଏ । ରବିବାର ହାଟୁଆ (ହାଟକୁ ଆସୁଥିବା ପାହାଡିଆ ଲୋକ)ଙ୍କ ସହ ଗଉଡ଼ମାନେ ପୁଣି ପାହାଡକୁ ଫେରିଯାଆନ୍ତି। ସେହି ଘିଅ ବଳଦେବଜୀଉଙ୍କ ମନ୍ଦିରକୁ ଯାଉଥିଲା।



ଶିବ ପ୍ରସାଦ ଦାସ।

ଠାକୁରଙ୍କ ମଇଁଷି ଗୋଠ ଦେଖାରଖା ପାଇଁ ଜଣେ ସୁପରଭାଇଜର ନିଯୁକ୍ତି ହୋଇଥିଲେ। ଘିଅ ଠିକ ଭାବେ ଠାକୁରଙ୍କ ପାଖରେ ପହଞ୍ଚୁଛି କି ନାହିଁ ତା'ର ସେ ତଦାରଖ କରୁଥିଲେ। ସକାଳେ ଶ୍ରୀଜୀଉଙ୍କ ପାଖରେ ବାଲ ଭୋଗ ହେଉଥିଲା। ମଧ୍ୟାହ୍ନରେ ଖେଚୁଡି ଭୋଗ ଓ ରାତିରେ କନ୍ଦ କ୍ଷୀରି ଓ କନ୍ଦ କାକରା ଭୋଗ ଲାଗି ହେଉଥିଲା ବୋଲି ସେ କହିଛନ୍ତି। ଏସବୁ ମଇଁଷି ଘିଅରେ ପ୍ରସ୍ତୁତ ହେଉଥିଲା। ଖେଚୁଡ଼ିର ନାମ ସହିତ ସ୍ୱାଦ ବି ଅଲଗା ଅଲଗା ଥିଲା। ଦଳା ଖେଚୁଡି, ଭଜା ଖେଚୁଡି , ବାଟୁଳା ଓ ସାଧା ଭାତ। ଦଳା ଓ ଭଜା ଖେଚୁଡି ସୁସ୍ୱାଦୁ ଥିଲା। ଦଳା ଖେଚୁଡି ମଝିରେ ମୁଠି ମାରି ଖାଲ କରାଯାଉଥିଲା । ସେହି ଖାଲକୁ ଘିଅରେ ଭର୍ତ୍ତି କରିଦିଆଯାଉଥିଲା। ଏହି ଦଳା ଖେଚୁଡି ରାଜ୍ୟରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ଏବେ ଭୋଗର ମାନ କମିଗଲାଣି । ସେଭଳି ଭୋଗର ସ୍ୱାଦ ମଧ୍ୟ ନାହିଁ ବୋଲି ସେ କୁହନ୍ତି। ଏବେ ବଳଦେବଜୀଉଙ୍କ ଭୋଗ ପ୍ରସ୍ତୁତିରେ ଆଉ ମଇଁଷି ଘିଅ ବ୍ୟବହାର କରାଯାଉନି । ବଜାରରେ ମିଳୁଥିବା ବିଭିନ୍ନ ଘିଅକୁ ବ୍ୟବହାର କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି ।

ଠାକୁରଙ୍କ ବିଭିନ୍ନ ସ୍ଥାନରେ ବହୁ ଏକର ଜମିବାଡି ରହିଛି। ବେଲବାହାଳିରୁ ଯେଉଁ ଗୁଡ ଓ ମୁଗ ଆସୁଥିଲା ସେସବୁ ଦାନସୂତ୍ରରେ ଭକ୍ତମାନେ ଦେଉଥିଲେ । ସେହିପରି ଚାରିଗଡରୁ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଦାନ ସୂତ୍ରରେ ଆସୁଥିଲା । ଏବେ ମଧ୍ୟ ଭକ୍ତମାନେ ଶ୍ରୀଜୀଉଙ୍କୁ ଦେବାକୁ ଆଗ୍ରହୀ ଅଛନ୍ତି। ହେଲେ ସେସବୁ ଆଣିବା ଓ ପୂର୍ବ ଭଳି ଭୋଗ ପ୍ରସ୍ତୁତ କରିବାର ଆଗ୍ରହ କାହାର ନାହିଁ ବୋଲି ଶିବ ପ୍ରସାଦ ଅଭିଯୋଗ କରିଛନ୍ତି। ବରିଷ୍ଠ ସେବାୟତ ନବକିଶୋର ସାହୁଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ପୂର୍ବରୁ ଯେଉଁମାନର ଭୋଗ ଠାକୁରଙ୍କୁ ଲାଗି ହେଉଥିଲା ଏବେ ତା' ମିଳୁନାହିଁ। ଏଥିପାଇଁ ମନ୍ଦିର ପ୍ରଶାସନର ଆନ୍ତରିକତା ଥିବା ମନେ ହୁଏନାହିଁ। ଭୋଗର ମାନକୁ ବ୍ରହ୍ମା ଓ ବଡ଼ପଣ୍ଡା ତଦାରଖ କରୁଛନ୍ତି। ଏବେ ଗାଈ ଘିଅରେ ଭୋଗ ପ୍ରସ୍ତୁତ ହେଉଥିବାବେଳେ ମନ୍ଦିର ସଂସ୍କାର କାର୍ଯ୍ୟ ସର୍ବସମ୍ମତିରେ ଚାଲିଛି ବୋଲି କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ କହିଛନ୍ତି।

### କାଳବୈଶାଖୀରେ ବ୍ୟାପକ କ୍ଷତି
## ବିଦ୍ୟୁତ୍ ଖୁଣ୍ଟି ପଡ଼ି ଯୁବକଙ୍କ ଗୋଡ଼ ଭାଙ୍ଗିଲା

ଆନନ୍ଦପୁର,୧୬।୫(ସ୍ୱ.ପ୍ର.)

ଆନନ୍ଦପୁରରେ ବୁଧବାର ସନ୍ଧ୍ୟାରେ ସମୟରେ ଅନୁଭୂତ ହୋଇଥିବା କାଳବୈଶାଖୀ ବ୍ୟାପକ କ୍ଷୟକ୍ଷତି କରିଛି। ଏହାର ପ୍ରଭାବରେ ବର୍ଷା, ପବନ ସାଙ୍ଗକୁ ବଜ୍ରପାତ ଘଟିଥିଲା। ବଜ୍ରପାତରେ ଦୈତାରୀ ଥାନା କୋଠଘାଟି ଗ୍ରାମରେ ଚତୁର୍ଥୀ ଭୋଜିରେ ବର ଜିତେନ୍ଦ୍ର ମୁର୍ମୁଙ୍କର ମୃତ୍ୟୁ ହେବା ସହିତ ୪ ଜଣ ସମ୍ପର୍କୀୟ ଗୁରୁତର ଆହତ ହୋଇଥିଲେ। ସେହିଭଳି ଘସିପୁରା ଥାନା ବାଟ ସାହିର ସଞ୍ଜୟ ସୋରେନ ଗାଧୋଇ ଘରକୁ ଫେରୁଥିବା ସମୟରେ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ଏହା ସହିତ ଆନନ୍ଦପୁର ଥାନା ତରତରାର ମୁର୍ଗାଗୋଠ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବର୍ଷାପବନ ହୋଇ ଗୋଟିଏ ବିଦ୍ୟୁତ୍ ଖୁଣ୍ଟି ପାଣ୍ଡୁ ହୋଙ୍କ ଘରେ ପଡିଥିଲା। ଫଳରେ ଘରର ଛାତ ରୁଅ ଭାଙ୍ଗି ପାଣ୍ଡୁଙ୍କ ଗୋଡ ଉପରେ ପଡିଥିଲା। ଏଥିରେ ପାଣ୍ଡୁଙ୍କର ଦୁଇ ଗୋଡ ଭାଙ୍ଗିଯାଇଥିବା ସୂଚନା ମିଳିଛି। ତାଙ୍କୁ ଆନନ୍ଦପୁର ଅଗ୍ନିଶମ ବିଭାଗ ସହାୟତାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମୃତ୍ୟୁର ୧୫ ବର୍ଷ ପରେ ବି ମିଳିଲାନି ନ୍ୟାୟ
## ■ ଟାଟା ସ୍ପଞ୍ଜ କାରଖାନା ଆଗରେ ଧାରଣା

ଯୋଡ଼ା, ୧୬।୫ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦାସ୍ଥିତ ଟାଟାସ୍ପଞ୍ଜ କାରଖାନାରେ ଜଣେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ଏଯାଏ ମୃତକଙ୍କ ପରିବାରକୁ ନ୍ୟାୟ ମିଳିନାହିଁ। ଏହି ଅଭିଯୋଗ ଆଣିଛନ୍ତି ମୃତ ଶ୍ରମିକ ମହାନ୍ତି କାରୁଆଙ୍କ ସ୍ତ୍ରୀ ବିଳାସୀ କାରୁଆ। ଯୋଡ଼ା ଗୋପ ମହାନ୍ତି ହଟିଂରେ ମହାନ୍ତି କାରୁଆ ରହୁଥିଲେ। ବିଳାସି ଅଭିଯୋଗ କରି କହିଛନ୍ତି ଯେ, ମହାନ୍ତି କାରୁଆଙ୍କ ମୃତ୍ୟୁ ପରେ ତାଙ୍କୁ କ୍ଷତିପୂରଣ ରାଶି ଓ ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହାମଧରେ ଦୀର୍ଘବର୍ଷ ବିତିଯାଇଥିଲେ ହେଁ ପ୍ରତିଶ୍ରୁତି ମୁତାବକ ନ୍ୟାୟ ମିଳି ନ ଥିବାରୁ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ମୃତକଙ୍କ ବିଧବା ପତ୍ନୀ, ଦୁଇ ଝିଅ ଓ ତାଙ୍କ ପୁଅ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇ ବସିରହିଛନ୍ତି।



ମୃତକ ପରିବାର ଲୋକେ ଟାଟା ସ୍ପଞ୍ଜ ସମ୍ମୁଖରେ ଧାରଣା ଦେଇଛନ୍ତି।

ଏହି ପରିବାରକୁ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ ଦିଆଯାଇଛି। ପ୍ରତିଶ୍ରୁତି ଓ ନିୟମ ମୁତାବକ କ୍ଷତିପୂରଣ ନ ମିଳିବା ଯାଏ ସେଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରହିବ ବୋଲି ବିଳାସୀ କହିଛନ୍ତି।

ପ୍ରକାଶ ଯେ, ୨୦୦୪ ଅଗଷ୍ଟ ମାସରେ ଟାଟାସ୍ପଞ୍ଜ କାରଖାନା ଭିତରେ କାର୍ଯ୍ୟରତ ଶ୍ରମିକ ମହାନ୍ତି କାରୁଆଙ୍କର ମୃତ୍ୟୁ ଘଟିଥିଲା। ସେତେବେଳେ କମ୍ପାନୀ କ୍ଷତିପୂରଣ ରାଶି ଓ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିଲା। ହେଲେ ବାରମ୍ବାର କମ୍ପାନୀ ଓ ପ୍ରଶାସନର ଦ୍ୱାରସ୍ଥ ହେବା ପରେ ମଧ୍ୟ କୌଣସି ସୁଫଳ ନ ପାଇବାରୁ ଧାରଣା ଦେଇଥିବା ବିଳାସୀ କହିଛନ୍ତି। ପରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ପହଞ୍ଚି କାରଖାନା କର୍ତ୍ତୃପକ୍ଷଙ୍କୁ ଡକାଇ ଏହାର ସମାଧାନ ପାଇଁ ଚେଷ୍ଟା କରିଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ବିଳମ୍ବ କରିଥିଲେ। ଏ ସମ୍ପର୍କରେ ଟାଟାସ୍ପଞ୍ଜ କାରଖାନାର କର୍ପୋରେଟ ଅଧିକାରୀ ଶୀତଳ ସ୍ୱାଇଁଙ୍କୁ ଯୋଗାଯୋଗ କରାଯିବାରୁ ମୃତ ମହାନ୍ତି କାରୁଆଙ୍କ ପୁଅଙ୍କୁ ଠିକାଦାର ଅଧୀନରେ ନିଯୁକ୍ତି ଦିଆଯାଇଥିଲା। କମ୍ପାନୀ ତାହାର ନୀତିଗତ ନିଷ୍ପତ୍ତି ନେଇ ବିଚାର କରିବେ ବୋଲି ସ୍ୱାଇଁ କହିଛନ୍ତି।

## ଫନୀ ପ୍ରଭାବିତଙ୍କୁ ସହାୟତା

ଆନନ୍ଦପୁର,୧୬। ୫(ସ୍ୱ.ପ୍ର.)

ଫନୀ ସାମୁଦ୍ରିକ ଝଡରେ ପୁରୀ ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ସେଥିଲାଗି କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ ଓ ପୌରପରିଷଦରେ ରହିଥିବା ବିଜୁ ଯୁବବାହିନୀ ସଦସ୍ୟମାନେ ସହଯୋଗର ହାତ ବଢ଼ାଇବା ପାଇଁ ପୁରୀରେ ପହଞ୍ଚିଛନ୍ତି। ସେଠାରେ ତ୍ୱରିତ ବିଦ୍ୟୁତ୍ ସେବା, ସୋଲାର ଲାଇଟ୍ ଓ ଅତ୍ୟାବଶ୍ୟକୀୟ ଖାଦ୍ୟ ପଦାର୍ଥ ଯୋଗଣ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ସୁଧାର ଦିଗରେ ସାହାଯ୍ୟ କରିବେ। ଏଥିପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓସ୍କାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ କ୍ଲଷ୍ଟର ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମାନସିଂଙ୍କ ମାର୍ଗଦର୍ଶନ ଏବଂ ବ୍ଲକର ସଂଯୋଜମାନଙ୍କ ନେତୃତ୍ୱରେ ଏହା କାର୍ଯ୍ୟକାରୀ ହେବ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଝୁମ୍ପୁରା/କେନ୍ଦୁଝର, ୧୬।୫
(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଝୁମ୍ପୁରା ଠାରୁ ୩ କି.ମି. ଦୂର ଭାଲୁକା ରାସ୍ତାର ଦୁର୍ଗାପୁର ଗାଁ ଛକରେ ଗୁରୁବାର ସକାଳେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇ କେନ୍ଦୁଝର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ହୋଇଥିବା ବ୍ୟକ୍ତି ଜଣକ ହେଲେ ମଙ୍ଗୁରୁ ମୁଣ୍ଡା(୪୦)। ତାଙ୍କ ଘର ନିକଟସ୍ଥ ମୁଣ୍ଡା ସାହିରେ। କୌଣସି କାମରେ ମଙ୍ଗୁରୁ ସାଇକେଲ ଯୋଗେ ଭାଲୁକା ରାସ୍ତାରେ ଆସୁଥିବା ବେଳେ ତାଙ୍କର ଭାଲୁ ସହିତ ଭେଟ ହୋଇଯାଇଥିଲା। ତେବେ ଲୋକ ଗହଳି ଏବଂ ପାଟିତୁଣ୍ଡ ହେବାରୁ ଭାଲୁ ମଙ୍ଗୁରୁଙ୍କୁ ଛାଡିଦେଇ ନିକଟସ୍ଥ ଜଙ୍ଗଲ ଆଡକୁ ଚାଲି ଯାଇଥିଲା। ଆହତ ମଙ୍ଗୁରୁଙ୍କୁ ପ୍ରଥମେ ଝୁମ୍ପୁରା ଏବଂ ପରେ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ମଙ୍ଗୁରୁଙ୍କ ସମସ୍ତ




ମଙ୍ଗୁରୁ ମୁଣ୍ଡା

ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବ ବୋଲି ଫରେଷ୍ଟର ବିଦ୍ୟାଧର ସାହୁ କହିଛନ୍ତି। ଦୁର୍ଗାପୁର ଜଙ୍ଗଲରେ ଭାଲୁ ରହୁଥିବାବେଳେ, ସମୟ ସମୟରେ ଗାଁ ଗଣ୍ଡାକୁ ଚାଲି ଆସୁଥିବାରୁ ଗ୍ରାମବାସୀ ଏକପ୍ରକାର ଭୟଭୀତ ରହୁଛନ୍ତି।

# ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୬।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳରେ ଖଣିଜ ଚୋରା କାରବାର ଥମିବାର ନାଁ ନେଉନାହିଁ। ଯୋଡ଼ା ଥାନା ତଥା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଲହଣ୍ଡା ଠାରେ ଗୁରୁବାର ୧୧ଟା ସମୟରେ ସନ୍ଦିଗ୍ଧ ଅବସ୍ଥାରେ ଯାଉଥିବା ୨ଟି ବାହାର ରାଜ୍ୟ ନଂ ୟୁପି ୫୪ଟି ୪୦୩୦ ଓ ୟୁପି୫୪ଟି ୫୪୫୬ ଥିବା ୧୨ଚକିଆ ଟ୍ରକ ଚୋରାଲୁହାପଥର ନେଇ ଯାଉଥିବା ବେଳେ ପୋଲିସ ଟ୍ରକ ୨ଟିକୁ ଅଟକାଇଥିଲା। ଗାଡ଼ିଗୁଡ଼ିକର ରେଜିଷ୍ଟ୍ରେସନ ନଂ ମଡ ଉତ୍ତରପ୍ରଦେଶ ବୋଲି ଜଣାପଡ଼ିଛି। ପୋଲିସକୁ ଦେଖି ଡ୍ରାଇଭର ଓ ହେଲପର ଟ୍ରକରୁ ଡିଆଁମାରି ରାସ୍ତା ପାର୍ଶ୍ୱ ଜଙ୍ଗଲ ମଧ୍ୟକୁ ପଳାଇଯାଇଥିଲେ। ବିଲେଇପଦା ଥାନା ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ଟ୍ରକ ୨ଟିକୁ ଜବତ କରି ଯୋଡ଼ା ଥାନାରେ ରଖିଛନ୍ତି। ଟ୍ରକ ଦୁଇଟିରେ ପ୍ରାୟ ୮୦ ମେଟ୍ରିକ ଟନ ମୂଲ୍ୟବାନ ୫.୧୮ ସାଇଜ୍ଡ଼ ଲୁହାପଥର ଜବତ ହୋଇଛି ।ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।ତେଣେ ଚୋରା ଲୁହାପଥର କାରବାର ଦିନରାତିତାର କାୟା ବିସ୍ତାର କରୁଥିବା ବେଳେ ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟ ସ୍ଥାଣୁ ପାଲଟିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଇଣ୍ଟିଗ୍ରେଟେଡ୍ ମାଇନ୍ସ ମିନେରାଲ ମ୍ୟାନେଜମେଣ୍ଟ(ଆଇଥ୍ରୀ ଏମଏସ)ଭଳି ସିଷ୍ଟମ ଥିଲେ ମଧ୍ୟ ଚୋରି ରୋକିବାରେ ଏହା ସକ୍ଷମ ହୋଇପାରୁ ନାହିଁ। ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟରେ ଖଣିଜ ଚୋରା କାରବାର ରୋକିବା ପାଇଁ ଖଣି ନିରୀକ୍ଷକମାନଙ୍କର ଏକ ସ୍କ୍ୱାର୍ଡ ଥିଲେ ମଧ୍ୟ ଏହାର କୌଣସି କାର୍ଯ୍ୟକାରିତା ହେଉ ନାହିଁ ବୋଲି କୁହାଯାଉଛି।




୨ ଚୋରା ଲୁହାପଥର ବୋଝେଇ ଟ୍ରକ୍।

## ଭୋଟ ଗଣତି ନେଇ ଉପଜିଲାପାଳଙ୍କ ବୈଠକ




ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଚମ୍ପୁଆ, ୧୬।୫ (ଡି.ଏନ.ଏ.)

ଆସନ୍ତା ୨୩ ତାରିଖରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ହେବାକୁ ଥିବା ଭୋଟ ଗଣତିରେ ରାଜନୈତିକ ଦଳ ପ୍ରତିନିଧିଙ୍କ ପାଇଁ ରହିଥିବା ନିୟମାବଳୀ ସମ୍ପର୍କରେ ଉପଜିଲାପାଳ ସୂଚନା ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ନୂତନ ସଭାକକ୍ଷରେ ଉପଜିଲାପାଳ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଆଲୋକ କୁମାର ପଟେଲ, ବିଡିଓ ନୁପୁର ଚାନ୍ଦଗୋଟିଆ, ସହକାରୀ ଜିଲାପାଳ ସପନ କୁମାର ସାହୁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ବୈଠକରେ ଯୋଗ ଦେଇଥିଲେ। ଭୋଟ ଗଣତି ପ୍ରକ୍ରିୟାର ଗୁରୁତ୍ୱ ଓ ଦାୟିତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ନିୟମାବଳୀ ଅନୁଯାୟୀ କିପରି ନିର୍ଭୁଲ ଭାବେ ଭୋଟ ଗଣତି ସମ୍ପନ୍ନ କରାଯିବ ସେନେଇ ଉପଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ଗଣତି ପ୍ରକ୍ରିୟାରେ ନିୟୋଜିତ ହେବାକୁ ଥିବା ଅଫିସରମାନଙ୍କ କର୍ତ୍ତବ୍ୟ ଏବଂ ଭୋଟ ଗଣତି, ଫଳାଫଳ ଘୋଷଣା ସମ୍ପର୍କିତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଓ ଭୋଟ ଗଣତି ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଥିବା ନିୟମ ସମ୍ପର୍କରେ ଉପଜିଲାପାଳ ଅବଗତ କରିଥିଲେ। ସୂଚନା ଅନୁସାରେ, ୨୩ ତାରିଖ ଭୋର ୫ଟାରୁ ଭୋଟଗଣତି କେନ୍ଦ୍ରରେ ରିଟର୍ନିଂ ଅଫିସରଙ୍କ ଦ୍ୱାରା ପ୍ରାରମ୍ଭିକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯିବ। ସକାଳ ୮ଟାରୁ ଭୋଟଗଣତି ଆରମ୍ଭ ହେବ। ଏଥିପାଇଁ ଭୋଟ ଗଣତି କେନ୍ଦ୍ରରେ ଟେବୁଲ ଓ ବାରିକେଡ୍ ବ୍ୟବସ୍ଥା, ପ୍ରାର୍ଥୀମାନଙ୍କ ଦ୍ୱାରା ନିୟୋଜିତ କାଉଣ୍ଟିଂ ଏଜେଣ୍ଟଙ୍କ ପାଇଁ ଆସନ ବ୍ୟବସ୍ଥା, ଷ୍ଟ୍ରଙ୍ଗରୁମ୍‌ରୁ ଗଣତି କେନ୍ଦ୍ରକୁ ଇଭିଏମ୍ ଓ ଭିଭିପିଏଟି ଆଣିବା, ପ୍ରତି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବା ସମ୍ପର୍କରେ ଉପଜିଲାପାଳ ସୂଚନା ଦେଇଥିଲେ। ସମସ୍ତ କାଉଣ୍ଟିଂ ଏଜେଣ୍ଟଙ୍କୁ ପ୍ରଦାନ କରାଯାଇଥିବା ନିଜ ନିଜର ପରିଚୟପତ୍ର ସାଙ୍ଗରେ ଆଣିବା ବାଧ୍ୟତାମୂଳକ। ନଚେତ୍ ସେମାନଙ୍କୁ ଗଣନା କକ୍ଷରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଉପଜିଲାପାଳ ସତର୍କ କରାଇ ଦେଇଥିଲେ। ପ୍ରତି ରାଉଣ୍ଡ ପରେ ଭୋଟ ଗଣନା ସମ୍ପର୍କରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ପ୍ରଦାନ କରାଯିବ। ଭୋଟ ଗଣତି ପ୍ରକ୍ରିୟାକୁ ଶୃଙ୍ଖଳିତ ଏବଂ ସମସ୍ତ କ୍ଷେତ୍ରରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହଯୋଗ ଲୋଡ଼ିଥିଲେ ଉପଜିଲାପାଳ।

### ହାଇୱା ଧକ୍କାରେ ବାଇକ ଆରୋହୀ ଗୁରୁତର

ତେଲକୋଇ, ୧୬।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ୪୯ ନଂ ଜାତୀୟ ରାଜପଥରେ ଏକ ହାଇୱା ସହିତ ବାଇକର ଧକ୍କା ହେବାରୁ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କେନ୍ଦୁଝର ସ୍ଥାନାନ୍ତର କରାଯାଇଥିଲା। ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଠିକା କାର୍ଯ୍ୟ କରି ଫସିଲେ ଗ୍ରାମ ଶ୍ରମିକ ମୁଖ୍ୟ

ତେଲକୋଇ, ୧୬।୫(ଡି.ଏନ.ଏ.)

■ପ୍ରଶାସନ ଶୁଣିଲାନାହିଁ
■ଦାଦନ ଖଟିବାକୁ ବାଧ ହେଲେ

ତେଲକୋଇ ବ୍ଲକ ଅଧୀନରେ ବିଭିନ୍ନ ଯୋଜନାରେ କାର୍ଯ୍ୟ କରାଯାଉଛି । ଉକ୍ତ କାର୍ଯ୍ୟ ପାଇଁ ଗ୍ରାମରେ ଥିବା ଗ୍ରାମ ଶ୍ରମିକ ମୁଖ୍ୟଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇ କାର୍ଯ୍ୟ କରାଯାଇଥାଏ। ଏଭଳି କାର୍ଯ୍ୟାଦେଶ ପାଇଁ ସିଗିଡା ପଞ୍ଚାୟତ କୁଣ୍ଢେଇହତା ଗ୍ରାମର ଶ୍ରମିକ ମୁଖ୍ୟ ଭିକାରୀ ସାହୁ ଏକ ସ୍କୁଲ ଗୃହ ୫ଲକ୍ଷ ଟଙ୍କାରେ କାର୍ଯ୍ୟ କରିଥିଲେ। ତେବେ କାର୍ଯ୍ୟ ସରି ସ୍କୁଲ ଚାଲୁଥିବା ବେଳେ ସମ୍ପୃକ୍ତ ଶ୍ରମିକଙ୍କୁ ତାଙ୍କର ୧ଲକ୍ଷ ୧୨ ହଜାର ଟଙ୍କା ଦିଆ ଗଲାନାହିଁ । ଜିଲାପାଳ ଅଭିଯୋଗ ପ୍ରକୋଷ୍ଠ ରେ ୭ଥର ଶ୍ରମିକ ମାନଙ୍କ ସହିତ ଅଭିଯୋଗ କରିଥିଲେ। ହେଲେ ଜିଲାପାଳ ପ୍ରତିଥର ବିଡିଓଙ୍କୁ ନିର୍ଦ୍ଦେଶ ଦିଅନ୍ତି ଉକ୍ତ କାର୍ଯ୍ୟର ବକେୟା ଅର୍ଥ ଦିଅ। ହେଲେ ବିଡିଓ ଅର୍ଥ ନଥିବା



ଶ୍ରମିକ ଭିକାରୀ ବ୍ୟାଗ ଓ ଜିଲାପାଳଙ୍କ ଚିଠି ଧରି ଦାଦନ ଖଟିବାକୁ ଯାଉଛନ୍ତି।

ଦର୍ଶାଇ ଚିଠି ମାଧ୍ୟମରେ ଜିଲାପାଳ ଙ୍କୁ ଜଣାନ୍ତି । ଏଭଳି ଚିଠି ଦିଆ ନିଆ ମଧ୍ୟରେ ସଂପୃକ୍ତ ଶ୍ରମିକ ମୁଖ୍ୟ ଅସହାୟ ହୋଇ ନିଜ ଜମି ଓ ଘରେ ଥିବା ସୁନାକୁ ବନ୍ଧକ ଦେଇ ଶ୍ରମିକ ମାନଙ୍କ ମଜୁରୀ ଦେଇଛନ୍ତି।

ଏହାପରେ ଅସହାୟ ଶ୍ରମିକ ମୁଖ୍ୟ ବନ୍ଧକ ଅର୍ଥକୁକୁ ଭରଣା କରିବାକୁ ନିଷ୍ପତ୍ତି ନେଇ ଚେନାଇ ସହରକୁ ଦାଦନ ଖଟିବା ପାଇଁ ବାହାରିଛନ୍ତି । ଘରେ ସ୍ତ୍ରୀ ଏବଂ ଏକ ଛୋଟ ଛୁଆ ତାଙ୍କର ଅଛନ୍ତି। ଉକ୍ତ ସ୍କୁଲ ଗୃହ ୨୦୧୧/୧୨ ମସିହାରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ଆରମ୍ଭ କରାଯାଇ ୨୦୧୨/୧୩ ମସିହାରେ ଶେଷ କରାଯାଇଛି। ତେବେ ଉକ୍ତ ଅର୍ଥକୁ ୫୦ହଜାର ଟଙ୍କା ପିସିରେ ବିଡିଓ ଯନ୍ତ୍ରୀ, କିରାଣି, ଆସିଷ୍ଟାଣ୍ଟ ଇଞ୍ଜିନିୟର ନେବା ପରେ ସମୁଦାୟ ୩ଲକ୍ଷ ୮୪ ହଜାର ବିଲ କରାଯାଇଥିଲା। ବାକି କାର୍ଯ୍ୟ ପାଇଁ ଶ୍ରମିକ ମୁଖ୍ୟ ଗୃହକୁ ସମ୍ପୂର୍ଣ୍ଣ କରିଥିବା ବେଳେ ୧ଲକ୍ଷ ୧୨ହଜାର ପାଇ ପାରି ନ ଥିଲେ। ବାରମ୍ବାର ଅଭିଯୋଗ ପରେ ନାଚାର ବିଡିଓ ଚିଠି ନଂ ୧୮୦୮ ତା ୨୬/୬/୧୮ ରେ ଏକ ଚିଠି ମାଧ୍ୟମରେ ଜିଲାପାଳଙ୍କୁ ଜଣାଇଲେ କି ପିଡିଏସ ସଂସ୍ଥାରେ ଅର୍ଥ ନାହିଁ । ଏଭଳି ଚିଠି ଦେଇ ବିଡିଓ ଚୁପ ରହିଥିଲେ। ଏସମ୍ପର୍କରେ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚାରିବାରୁ ସେ କହିଲେ ଯେ ଏହି ଘଟଣାରେ ଜିଲାପାଳ ପ୍ରତିଥର ନିର୍ଦ୍ଦେଶ ଦେଇଛନ୍ତି ଠିକା ସଂସ୍ଥାଙ୍କୁ ତାଙ୍କ ଅର୍ଥ ଦିଅ। ହେଲେ ଉକ୍ତ ଯୋଜନାରେ ଅର୍ଥ ନ ଥିବା ଯୋଗୁ ଚିଠି ମାଧ୍ୟମରେ ଜିଲାପାଳଙ୍କୁ ଜଣାଯାଇଛି। ତେବେ ଠିକା କାମ କରି ଜବକାର୍ଡ ଧାରୀ ଶ୍ରମିକ ମୁଖ୍ୟ ଏଭଳି ଫଶି ଏବେ ଦାଦନ ଶ୍ରମିକ ପାଇଁ ଯାଉଛନ୍ତି ।